## ସଂକ୍ଷେପରେ

### ପୋଲିସ ଗାର୍ଡଙ୍କୁ ଠେଲାପେଲା, ମାଡ଼ ମାରି ୨ ଯୁବକ ଜେଲ ଗଲେ

ନର୍ଲା,୨୦।୩(ସନ୍ତୋଷ ପାତ୍ର)

କଳାହାଣ୍ଡି ଜିଲା ନର୍ଲା ପୋଲିସ ଗାର୍ଡଙ୍କୁ ଠେଲାପେଲା ଓ ମାଡ଼ ମାରିବା ଅଭିଯୋଗରେ ୨ଜଣ ଯୁବକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଉଛି। ଗିରଫ ୨ଯୁବକ ହେଲେ ନର୍ଲା ଥାନା ଅନ୍ତର୍ଗତ ଗୋହିରାପଦର ଗ୍ରାମର ପ୍ରତାପ ସାହୁ (୩୭) ଓ ରୋହିତ ଗୌଡ(୨୭)। ନର୍ଲା ଥାନା ଅନ୍ତର୍ଗତ ଗୋହିରା ପଦର ଗ୍ରାମର ପ୍ରତାପ ଓ ରୋହିତ ସାଙ୍ଗ ହୋଇ ଛଟିକୁଡ଼ାସ୍ଥିତ ବିଦେଶୀ ମଦ ଦୋକାନକୁ ଗତ ୧୬ ତାରିଖ ବିଳମ୍ବିତ ରାତିରେ ମଦ ପିଇବା ପାଇଁ ଯାଇଥିଲେ। ମଦ ଦୋକାନ ବନ୍ଦ ଥିବା ଜାଣି କବାଟ ବାଡେଇ ଡାକିଥିଲେ। କୌଣସି କାରଣ ବଶତଃ ଦାୟିତ୍ୱରେ ଥିବା ମ୍ୟାନେଜର ଦୋକାନ ଖୋଲି ନ ଥିବାରୁ ଉତ୍ତ୍ୟକ୍ତ ହୋଇ ୨ଯୁବକ କବାଟଝରକା ଭଙ୍ଗାରୁଜା କରି ଝଗଡା କରିଥିଲେ। ଏ ନେଇ ମ୍ୟାନେଜର ନର୍ଲା ଥାନା ଅଧିକାରୀ ମମତା ପାଣିଗ୍ରାହୀଙ୍କୁ ଖବର ଦେଇଥିଲେ। ଥାନା ପକ୍ଷରୁ ୨ଜଣ ପୋଲିସ ଗାର୍ଡଙ୍କୁ ପଠାଯାଇଥିଲା। ୨ ଗାର୍ଡ ପହଞ୍ଚି ବୁଝାଶୁଝା କରୁଥିବା ବେଳେ ୨ଯୁବକ ପୋଲିସ ଗାର୍ଡଙ୍କୁ ଠେଲାପେଲା କରି ମାଡ଼ ମାରିଥିଲେ। ଏ ନେଇ ନର୍ଲା ପୋଲିସ ଗତ ସୋମବାର ୨ଜଣଙ୍କୁ ଗୋହିରାପଦର ଗ୍ରାମରୁ ଗିରଫ କରି ବୁଧବାର ଏକ ମାମଲା (ନଂ.୫୮/୨୪) ରୁଜୁ କରି ଜେଲ ପଠାଇ ଦେଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

### ଲକ୍ଷାଧିକ ଟଙ୍କାର ଶାଗୁଆନ କାଠ ଜବତ, ଜଣେ ଗିରଫ



ନୂଆପଡ଼ା,୨୦।୩(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅଧୀନ ରଜନା ପଞ୍ଚାୟତ ବେଲଗାଁରେ ବୁଧବାର ବନ ବିଭାଗ ଚଢ଼ାଉ କରି ଲକ୍ଷାଧିକ ଟଙ୍କାର ଶାଗୁଆନ କାଠ ଓ ପଟା ଜବତ କରି ଜଣଙ୍କୁ ଗିରଫ କରିଛି। ଗିରଫ ଜଣକ ହେଲେ ବେଲଗାଁର ନୀଳାମ୍ବର ମାଝି (୫୦) ଓ ଅନ୍ୟ ଜଣେ ସାନ ଗଣ୍ଡ ଫେରାର ଅଛନ୍ତି। ରଜନା ପଞ୍ଚାୟତ ବେଲଗାଁରେ ବେଆଇନ ଭାବେ ମୂଲ୍ୟବାନ ଗଛ ଚୋରା ଚାଲାଣ ହେଉଛି ବୋଲି ଅଭିଯୋଗ ହୋଇଆସୁଥିଲା। ଏହାକୁ ବନ ବିଭାଗ ଦୃଷ୍ଟିରେ ରଖି ତଦନ୍ତ ଜାରି ରଖିଥିଲା। କୌଣସି ସୂତ୍ରରୁ ବୁଧବାର ଖବର ପାଇଁ କୋମନା ବନ ବିଭାଗ ରେଞ୍ଜର ଦେବଦତ ସୁତାରଙ୍କ ନେତୃତ୍ୱରେ ଏକ ଟିମ ବେଲଗାଁରେ ଚଡାଉ କରି ନୀଳାମ୍ବର ଓ ସାନଙ୍କ ଘରୁ ଲକ୍ଷାଧିକ ଟଙ୍କାର ଶାଗୁଆନ କାଠଗଣ୍ଡି, ପଟା ଓ ମେଶିନ ଜବତ କରିଛି। ଆଖପାଖ ଜଙ୍ଗଲରେ ଥିବା ମୂଲ୍ୟବାନ ଗଛ କାଟି ଚଡା ଦରରେ ଲୋକଙ୍କୁ ଯୋଗାଉଥିଲେ। ସେମାନେ ଅଞ୍ଚଳରେ ଥିବା କାଠ ମିସ୍ତ୍ରିମାନଙ୍କୁ କାଠ ଯୋଗାଇ ପଲଙ୍ଗ, ସୋଫାସେଟ, ଟେବୁଲ, ଚୌକି ଭଳି କାଠ ସାମଗ୍ରୀ ତିଆରି କରି ବିକ୍ରୟ କରୁଥିଲେ। ଚଡାଉ ସମୟରେ ଫରେଷ୍ଟର ସମୀର କାନ୍ତ ଠାକୁର, ଗୋପାଳ ମହାନନ୍ଦ, ଜୟଲାଲ ପ୍ରସାଦ ଶୁକ୍ଲା, ଫରେଷ୍ଟ ଗାର୍ଡ ଶଶିଧର ଟାଣି, ଲକ୍ଷ୍ମୀଧର ଘିବେଲା, ପରେଶ ଧରୁଆ, ବିଜୁଳି କୁମାର ରାଉତ ରାୟ, ଘସିଏନ ପୋଡ, ଇଲିଫାଣ୍ଟ ସ୍କ୍ୱାଡ, ପ୍ରୋକ୍ଟେସନ ସ୍କ୍ୱାଡ, ଆଇପିସିଇଏ ସ୍କ୍ୱାଡ ପ୍ରମୁଖ ଉପସ୍ଥିତ ଥିଲେ।

# ପନିପରିବା ଚାଷ, ଡାଲି ଜାତୀୟ ଫସଲ ନଷ୍ଟ ଆଶଙ୍କା

ଭବାନୀପାଟଣା,୨୦।୩(ଉତ୍ତମ କୁମାର ଦାଶ)



## ଅଦିନିଆ ଝଡ଼ବର୍ଷା

ଝାଡ଼ଖଣ୍ଡ, ଓଡ଼ିଶା ଏବଂ ଆନ୍ଧ୍ର ଉପକୂଳରେ ସୃଷ୍ଟି ହୋଇଥିବା ଟ୍ରଫ୍‌ଲାଇନ ଯୋଗୁ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ଝଡ଼ବର୍ଷା ଜାରି ରହିଛି। ଏହାର ପ୍ରଭାବରେ କଳାହାଣ୍ଡି ଜିଲାରେ ମଧ ମଙ୍ଗଳବାର ରାତିଠାରୁ ଝଡବର୍ଷା ଜାରିରହିଛି। ଜୋରରେ ପବନ ବୋହିବା ଯୋଗୁ ରବି ଫସଲ ଉପରେ ପ୍ରଭାବ ପଡିବା ସମ୍ଭାବନା ରହିଛି। ବିଶେଷ କରି ଜିଲାରେ ପନିପରିବା, ଡାଲିଜାତୀୟ ଫସଲ କରିଥିବା ଚାଷୀମାନଙ୍କ ମଧ୍ୟରେ ଚିନ୍ତାର କାରଣ ପାଲଟିଛି। କାରଣ ଏହି ବର୍ଷାରେ ପନିପରିବା, ଡାଲି ଜାତୀୟ ଫସଲ ନଷ୍ଟ ହେବା ଆଶଙ୍କା ରହିଛି। ଚାଷୀମାନେ ଋଣ କରି ପନିପରିବା ଓ ଡାଲି ଜାତୀୟ ଫସଲ ଚାଷ କରିଥିବାବେଳେ ଏବେ ଅଦିନିଆ ବର୍ଷା ସେମାନଙ୍କ ମେରୁଦଣ୍ଡ ଭାଙ୍ଗିଦେଇଛି। ଝଡ ବର୍ଷା ଯୋଗୁ ନୂଆକରି ଆସିଥିବା ଆମ୍ବ ବଉଳ ମଧ ଝଡି ପଡିଥିବା ଦେଖିବାକୁ ମିଳିଛି। ବର୍ଷା ଓ କୋହଲା ପବନ ବୋହୁଥିବାରୁ ବାହାରେ ପ୍ରବଳ ଥଣ୍ଡା ଅନୁଭବ ହେଉଛି। ତେବେ ବର୍ଷା ଶେଷ ହେବା ପରେ କେତେ ଚାଷ କ୍ଷୟକ୍ଷତି ହୋଇଛି ତାହା ଜଣାପଡିବ ବୋଲି କୃଷି ଓ ଉଦ୍ୟାନ ବିଭାଗ ପକ୍ଷରୁ ଜଣାପଡିଛି।

# ଆଭାସିରେ ସିଭିଲ କୋର୍ଟ ନୂତନ କୋଠା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର



ଭିତ୍ତିପ୍ରସ୍ତର ସ୍ଥାପନ କରାଯାଉଛି।

କୋକସରା,୨୦।୩(ଦୁଷ୍ମନ୍ତ କୁମାର ପାଟଯୋଶୀ)

କଳାହାଣ୍ଡି ଜିଲା କୋକସରାଠାରେ ନୂତନ ସିଭିଲ କୋର୍ଟ କୋଠା ନିର୍ମାଣ ପାଇଁ ବୁଧବାର ଆଭାସି ମାଧ୍ୟମରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଆଭାସି ମାଧ୍ୟମରେରେ କଟକଠାରେ ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରି ଶରନ ସିଂ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି କମିଟିରେ ଅଧ୍ୟକ୍ଷ କୋଠା ନିର୍ମାଣ କମିଟି ଓଡିଶା ହାଇକୋର୍ଟ ଡ଼.ଜଷ୍ଟିସ ବି.ଆର ଷଡଙ୍ଗୀ, ଓଡିଶା ହାଇକୋର୍ଟ ଜଷ୍ଟିସ ଓ ପ୍ରଶାସନିକ ବିଚାରପତି କଳାହାଣ୍ଡି ଭି. ନରସିଂହ, ମୁଖ୍ୟ ରେଜିଷ୍ଟ୍ରାର ଓଡିଶା ହାଇକୋର୍ଟ ପ୍ରତାପ କୁମାର ପାତ୍ର ଓ ଅନ୍ୟ ହାଇକୋର୍ଟ ପଦାଧିକାରୀଙ୍କ ଉପସ୍ଥିତିରେ ରାଜ୍ୟର ୧୭ ଜିଲାରେ ସିଭିଲ କୋର୍ଟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। କୋକସରା ବ୍ଲକ ସିଭିଲ କୋର୍ଟ ଭିତ୍ତିପ୍ରସ୍ତର ଅବସରରେ କଳାହାଣ୍ଡି ଜିଲା ମୁଖ୍ୟ ବିଚାରପତି ଦୀପ୍ତିରଞ୍ଜନ କାନୁନଗୋ, କୋକସରା ଜେଏମଏଫସି କୋର୍ଟ ବିଚାରପତି ରିତିକା ଜେନା, ରେଜିଷ୍ଟ୍ରାର ଜିଲା କୋର୍ଟ ଶ୍ରୀଦୀପ ମିଶ୍ରଙ୍କ ଉପସ୍ଥିତିରେ ଜିଲା ବିଚାରପତି କାନୁନଗୋ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ନିର୍ମାଣାଧୀନ କୋର୍ଟ କାର୍ଯ୍ୟାଳୟ ପାଇଁ ଓଡିଶା ହାଇକୋର୍ଟ ପକ୍ଷରୁ ଧର୍ମଗଡ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଦାୟିତ୍ୱ ଦିଆଯାଇଛି। ୪ କୋଟି ୧୩ ଲକ୍ଷ ବ୍ୟୟ ଅଟକଳରେ ନୂତନ ସିଭିଲ କୋର୍ଟ ନିର୍ମାଣ କାର୍ଯ୍ୟ ସମ୍ପାଦନ ହେବା ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି। କୋକସରା ବାର ଆସୋସିଏଶନ ସଭାପତି ଲକ୍ଷ୍ମୀ କାନ୍ତ ଖମାରି, ସମ୍ପାଦକ ଲକ୍ଷ୍ମୀଧର ମେହେର, ଆଇନଜୀବୀ ପ୍ରିୟରଞ୍ଜନ ବେହେରା, ଅଜିତ ପଟ୍ଟନାୟକ, ମାନସ ସିଂ, ପ୍ରେମଲାଲ ସିଂ, ମନୋଜ ନାଏକ, ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ରାଜେନ୍ଦ୍ର ମାଝି, କନିଷ୍ଠ ଯନ୍ତ୍ରୀ ସୁରେଶ ବରିହା ଉପସ୍ଥିତ ଥିଲେ। କୋକସରା, ଆମପାଣି ପୋଲିସ ଅଧିକାରୀ ସମେତ କୋକସରା ଜେଏମଏଫସି କୋର୍ଟ କର୍ମଚାରୀ ଉପସ୍ଥିତ ରହିଥିଲେ। ବହୁ ପ୍ରତୀକ୍ଷିତ ସିଭିଲ କୋର୍ଟ ଭିତ୍ତିପ୍ରସ୍ତର ସ୍ଥାପନ ପରେ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି।

# ବିଜେଡି, ଭାଜପାର ମୁଖା ଖୋଲିବ ନିର୍ବାଚନୀ ବଣ୍ଡ୍




ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ଲାଞ୍ଜିଗଡ଼,୨୦।୩(ରମେଶ ଚନ୍ଦ୍ର ନାୟକ)

**କଂଗ୍ରେସ ପକ୍ଷରୁ ବିଶ୍ୱନାଥପୁରଠାରେ ଖବରଦାତା ସମ୍ମିଳନୀ**

ରାଜ୍ୟରେ ୨୪ ବର୍ଷର ଶାସନକାଳରେ ନବୀନ ବାବୁ ଓଡ଼ିଶାକୁ ତଳି ତଳାନ୍ତ କରିଛନ୍ତି। ରାଜ୍ୟବାସୀଙ୍କୁ ସେ ଧୋକା ପରେ ଧୋକା ଦେଇ ଚାଲିଛନ୍ତି। ଓଡ଼ିଶାର ଜନସାଧାରଣଙ୍କ ନବୀନବାବୁଙ୍କ କାରସାଦି ଓ ଜାଲିଆତି ବୁଝିଗଲେଣି। ଅବୈଧ ବଣ୍ଡ ଜରିଆରେ ବିଭିନ୍ନ କମ୍ପାନୀଠାରୁ ଆଞ୍ଚଳିକ ଦଳ ବିଜେଡି ସବୁଠୁ ଅଧିକ ଦଳୀୟ ପାଣ୍ଠି ଆଦାୟ କରିଛି। ଏହା ସୂଚିତ କରୁଛି ନବୀନ ବାବୁ ରାଜ୍ୟକୁ ଲୁଟିବା ପାଇଁ ସଂପୃକ୍ତ କମ୍ପାନୀକୁ ଅହେତୁକ ଅନୁକମ୍ପା ଦେଖାଇ ଆସୁଛନ୍ତି। ସୁପ୍ରିମ କୋର୍ଟଙ୍କ ହସ୍ତକ୍ଷେପ ପରେ ନିର୍ବାଚନୀ ବଣ୍ଡ ଶାସକ ଦଳର ଅସଲ ଚିତ୍ର ଓ ଚରିତ୍ର ସାମନାକୁ ଆସିବ ବୋଲି କଳାହାଣ୍ଡି ଲାଞ୍ଜିଗଡ ବ୍ଲକ ବିଶ୍ୱନାଥପୁରଠାରେ ଜିଲା କଂଗ୍ରେସ ପକ୍ଷରୁ ବୁଧବାର ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ମିଡିଆ ସେଲ ଅଧ୍ୟକ୍ଷ ମୁରଲୀଧର ନାଏକ କହିଛନ୍ତି।

ଆୟୋଜିତ ସମ୍ମିଳନୀରେ ନାଏକ କହିଛନ୍ତି ଯେ, ରାଜ୍ୟରେ ଚିଟଫଣ୍ଡ ମହାଦୁର୍ନୀତି ଓ ଖଣି ଦୁର୍ନୀତିରେ ସଂପୃକ୍ତ ରାଜ୍ୟ ସରକାରଙ୍କୁ ଘଣ୍ଟ ଘୋଡାଉଛନ୍ତି କେନ୍ଦ୍ର ସରକାର। ନିର୍ଦ୍ଦିଷ୍ଟ ରାଜନେତା ଓ ବ୍ୟକ୍ତି ବିଶେଷଙ୍କ ଉପରେ ଇଡି, ସିବିଆଇ ଓ ଆଇଟି ଚଢ଼ାଉ କରିଥିବାବେଳେ କୋଟି କୋଟି ଟଙ୍କାର ମହା ଦୁର୍ନୀତିରେ ସମ୍ପୃକ୍ତ ନବୀନ ସରକାରଙ୍କୁ ମୋଦୀ ସରକାର କାହିଁକି ଘଣ୍ଟ ଘୋଡାଉଛନ୍ତି ଓ ଏହା ପଛର ଅସଲି ଉଦ୍ଦେଶ୍ୟ କ'ଣ ତାହା ରାଜ୍ୟ ବାସୀଙ୍କୁ ଆଉ ଅଜଣା ଓ ଅଛପା ନାହିଁ। ବାସ୍ତବତା ହେଉଛି ରାଜ୍ୟର କୃଷକ, ମହିଳା, ଯୁବକ ଓ ଛାତ୍ର ଦିଶାହୀନ ହୋଇପଡ଼ିଛନ୍ତି। ତଥାପି ନବୀନ ବାବୁ କ୍ଷମତାରେ ରହିବା ପାଇଁ ବିକଳ ହୋଇ ଚିଠିର ଆଶ୍ରା ନେଇଛନ୍ତି, ଯାହା ଦୁଃଖ ଓ ପରିତାପର ବିଷୟ। ସମ୍ମିଳନୀରେ ପୂର୍ବତନ ଲାଞ୍ଜିଗଡ ବ୍ଲକ ଅଧ୍ୟକ୍ଷ ଇଂ ଫକୀର ମୋହନ ମାଝି କହିଛନ୍ତି ଯେ, ଖଣିଜ ସମ୍ପଦରେ ସମୃଦ୍ଧ ଆମ କଳାହାଣ୍ଡି ତଥା ଓଡ଼ିଶାକୁ ଅଣଓଡ଼ିଆଙ୍କ ହାତରେ ଟେକିଦେବା ପାଇଁ ବିଜେଡି ପକ୍ଷରୁ ଉଦ୍ୟମ ଚାଲିଛି। କୃଷକ ଏଠି ନ୍ୟାୟ ପାଇବାରୁ ବଞ୍ଚିତ, ମହିଳା ଏଠାରେ ଅସୁରକ୍ଷିତ, ନାରୀ ନିର୍ଯାତନା ଓ ମହିଳା ଚାଲାଣରେ ଓଡ଼ିଶା ଏକନମ୍ବର ସ୍ଥାନରେ ରହିଛି ବୋଲି ଇଂ ମାଝି କହିଛନ୍ତି। ବ୍ଲକ କଂଗ୍ରେସ କମିଟି ସଭାପତି ବିଜୟ ନାଏକ କହିଛନ୍ତି ଯେ, ଖାଣ୍ଟି ଓଡ଼ିଆ କହୁଥିବା ମୁଖ୍ୟମନ୍ତ୍ରୀ ୨୪ ବର୍ଷଧରି ରାଜ୍ୟବାସୀଙ୍କୁ ଭୂଆଁ ବୁଲାଇ ଚାଲିଛନ୍ତି। ଖବରଦାତା ସମ୍ମିଳନୀରେ ଅନୁସୂଚିତ ଜାତି ବିଭାଗର ଅଧ୍ୟକ୍ଷ କୁମରମଣି ନାଏକ, ବ୍ଲକ ଯୁବ କଂଗ୍ରେସ ସଭାପତି ଭୀମସେନ ନାଏକ, ବ୍ଲକ ସମ୍ପାଦକ ଗଣେଶ ବେହେରା, ପୁରୁଷୋତ୍ତମ ଦଣ୍ଡସେନା, ମକରନ୍ଦ ନିଆଲ ପ୍ରମୁଖ ଉପସ୍ଥିତ ଥିଲେ।

## ୨୩ରୁ ଶାସ୍ତ୍ରୀୟ ସଙ୍ଗୀତ ଓ ଲୋକ ସଙ୍ଗୀତର ଉତ୍ସବ 'ସଂଗୀତାୟନ'

**ପାରମ୍ପରିକ ଲୋକ ସଙ୍ଗୀତର ରୂପାନ୍ତର ଓ ଆମ ସଂସ୍କୃତି ଉପରେ ଆଲୋଚନାଚକ୍ର**

ଭବାନୀପାଟଣା,୨୦।୩ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ଟାଉନହଲ ମଞ୍ଚରେ ଆସନ୍ତା ୨୩ ଓ ୨୪ ଦୁଇ ଦିନ ଧରି ଶାସ୍ତ୍ରୀୟ ସଂଗୀତ ଓ ଲୋକ ସଂଗୀତକୁ ନେଇ ଜାତୀୟସ୍ତରୀୟ 'ସଂଗୀତାୟନ'କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟର ସହଯୋଗରେ କଳାହାଣ୍ଡି ଲେଖକ କଳା ପରିଷଦ ପକ୍ଷରୁ ଏହା ଅନୁଷ୍ଠିତ ହେବ। ପ୍ରଥମ ସନ୍ଧ୍ୟାରେ କୋଲକାତାରୁ ସୁପ୍ରସିଦ୍ଧ ସନ୍ତୁର ବାଦକ ଚିରୋଦୀପ ସରକାର, ତବଲା ଶିଳ୍ପୀ ବାପ୍ପାଦତ୍ୟ ରାୟ, ସୀତାର ଶିଳ୍ପୀ ସୌମଲ୍ୟ ଭଟ୍ଟାଚାର୍ଯ୍ୟ ଓ ଗୁରୁ ଶୁଭ୍ରାଂଶୁ ମିଶ୍ର (ଓଡିଶା) ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଂଗୀତ ପରିବେଷଣ କରିବାକୁ ଥିବାବେଳେ ଗୁରୁ ନରେନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ବଂଶୀ ବାଦନ ଅନୁଷ୍ଠିତ ହେବ। ଦ୍ୱିତୀୟ ସନ୍ଧ୍ୟାରେ ଗୁରୁ ସୁଧୀର ଚନ୍ଦ୍ର ପଣ୍ଡା (କଳାହାଣ୍ଡି)ଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ କଳାକାର ଓ ଆକାଶବାଣୀ କଳାକାର ବିଭୁତି ପଟ୍ଟନାୟକ ସମ୍ବଲପୁର ଓ ମିନତି ପାଣିଗ୍ରାହୀ ରାଉରକେଲା ଲୋକ ସଂଗୀତ ପରିବେଷଣ କରିବେ। ଏହି ଅବସରରେ ଡ. ତପନ କୁମାର ରଥଙ୍କ ସଭାପତିତ୍ୱ ଓ ଡ. ଅଜୟ ମିଶ୍ରଙ୍କ ସଂଯୋଜନାରେ ପରିଷଦ ସଭାଗୃହରେ 'ପାରମ୍ପରିକ ଲୋକ ସଂଗୀତର ରୂପାନ୍ତର ଓ ଆମ ସଂସ୍କୃତି' ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହେବ। ଅଧ୍ୟାପକ ପରମେଶ୍ୱର ମୁଣ୍ଡ ସନ୍ଦର୍ଭ ଉପସ୍ଥାପନା କରିବାକୁ ଥିବାବେଳେ ସୀମାଞ୍ଚଳ ନାଗ, ଅଧ୍ୟାପିକା ନିବେଦିତା ନାଥ, ଧ୍ୟାନାନନ୍ଦ ପଣ୍ଡା, ସର୍ବେଶ୍ୱର ଭୋଇ ଓ କମଳ କିଶୋର ଶତପଥୀ ଆଲୋଚକ ଭାବେ ଯୋଗ ଦେବା କାର୍ଯ୍ୟକ୍ରମ ରହିଛି ବୋଲି ପରିଷଦର ସଭାପତି ଉମେଶ ଚନ୍ଦ୍ର ପଣ୍ଡା ଓ ସମ୍ପାଦକ ଭବନାଥ ରାୟଗୁରୁ ଜଣାଇଛନ୍ତି।

# ବେଦାନ୍ତ ପକ୍ଷରୁ କ୍ଷୁଦ୍ରବିଜ୍ଞାନ କେନ୍ଦ୍ର ଉଦ୍‌ଘାଟିତ



ଲାଞ୍ଜିଗଡ଼,୨୦।୩(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବେଦାନ୍ତ ଏସଟିଇଏମ ଶିକ୍ଷାର ବିକାଶ ଲାଗି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଆମ୍ବାଦୋଳାଠାରେ କ୍ଷୁଦ୍ର ବିଜ୍ଞାନ କେନ୍ଦ୍ର ଉଦଘାଟନ ହୋଇଯାଇଛି। ପାରମ୍ପରିକ ଶିକ୍ଷାଦାନ ପ୍ରଣାଳୀକୁ ସାହାଯ୍ୟ କରିବା ଓ ଛାତ୍ରଙ୍କ ଲାଗି ଏସଟିଇଏମ ବିଜ୍ଞାନ, ପ୍ରଯୁକ୍ତି, ଇଞ୍ଜିନିୟରିଂ, ଗଣିତ ଉପରେ ପିଲାମାନଙ୍କୁ ବୁଝିବା ଓ ଶିକ୍ଷାକୁ ସହଜ କରାଇବା ଲାଗି ଏହି ଅଭିନବ କେନ୍ଦ୍ର ପରିକଳ୍ପନା କରାଯାଇଛି। ମିନି ସାଇନ୍ସ ସେଣ୍ଟରରେ ହ୍ୟାଣ୍ଡ-ଅନ ମଡେଲ, ଗ୍ରାଫିକ ବ୍ୟାଖ୍ୟାକାରୀ, ପ୍ଲଗ ଏବଂ ପ୍ଲେ ସିଷ୍ଟମ ଏବଂ ଅନ୍ୟାନ୍ୟ ଇଣ୍ଟରାକ୍ଟିଭ ମଡ୍ୟୁଲ, ଉଭୟ ଇଂଲିଶ ଏବଂ ଆଞ୍ଚଳିକ ଭାଷାରେ ଉପଲବ୍ଧ ହେବ। ପଞ୍ଚମରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଏହା ବିଶେଷ ସହାୟକ ହୋଇପାରିବ। କାର୍ଯ୍ୟକ୍ରମରେ ୬ଶହରୁ ଅଧିକ ଛାତ୍ରୀଛାତ୍ରମାନଙ୍କ ଶିକ୍ଷଣ ଅଭିଜ୍ଞତାକୁ ବୃଦ୍ଧି କରାଯିବା ଲକ୍ଷ୍ୟ ରହିଛି। ଏଥିରେ ଉଭୟ ରାଜ୍ୟ ତଥା କେନ୍ଦ୍ର ବିଦ୍ୟାଳୟର ପାଠ୍ୟକ୍ରମ ଆଧାରିତ ଶିକ୍ଷା ବ୍ୟବସ୍ଥା ରଖାଯାଇଛି। ଗୁଣାତ୍ମକ ଶିକ୍ଷା ଉପରେ ବେଦାନ୍ତ ସିଇଓ ଆଲୁମିନା ବ୍ୟବସାୟ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ, ବେଦାନ୍ତର ଏହି କ୍ଷୁଦ୍ର ବିଜ୍ଞାନକେନ୍ଦ୍ର ପରି ପଦକ୍ଷେପ ମାଧ୍ୟମରେ ବେଦାନ୍ତ ଗୁଣାତ୍ମକ ଶିକ୍ଷାର ବ୍ୟାପକ ବିସ୍ତାର ପାଇଁ କାର୍ଯ୍ୟ କରୁଛି। ଏହା ଦ୍ୱାରା ଆମ ଅଞ୍ଚଳର ପିଲାମାନଙ୍କ ଠାରେ ବୌଦ୍ଧିକ ବିକାଶ ସହ ସାମର୍ଥ୍ୟ ବୃଦ୍ଧି ପାଇବ। ରାୟଗଡ଼ ଜିଲା ସହକାରୀ ଶିକ୍ଷା ଅଧିକାରୀ ସହଦେବ ଚିଚୁଆନ ବେଦାନ୍ତର କାର୍ଯ୍ୟକ୍ରମ ସମର୍ଥନ କରି କହିଥିଲେ ଯେ ବେଦାନ୍ତର କ୍ଷୁଦ୍ର ବିଜ୍ଞାନ କେନ୍ଦ୍ର ଯୁବକମାନଙ୍କ ଶିକ୍ଷାପାଇଁ ଏକ ଉନ୍ନତ ପ୍ଲାଟଫର୍ମ ଯୋଗାଇବ। ଏହା ଦ୍ୱାରା ସଂପୃକ୍ତ କ୍ଷେତ୍ରରେ ଶିକ୍ଷା ଲାଭ କରୁଥିବା ଛାତ୍ର ଛାତ୍ରୀମାନେ ଆଗକୁ ବଢିବା ପାଇଁ ଉତ୍ସାହିତ ହୋଇପାରିବେ।

# ପଖାଳ, ଘରଚଟିଆ ଦିବସ ପାଳିତ




ସିନାପାଲି,୨୦।୩(ମନଫୁଲ ମେହେର)

ନୂଆପଡ଼ା ଜିଲା ସିନାପାଲି ଗଙ୍ଗାଧର ସାରସ୍ୱତ ସମିତି ପକ୍ଷରୁ ବୁଧବାର ପଖାଳ ଓ ଘରଚଟିଆ ଦିବସ ସ୍ଥାନୀୟ ହାଇସ୍କୁଲ ପରିସରସ୍ଥ ଏନସିସି ଭବନରେ ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ବୈଷ୍ଣବ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପରେଶନାଥ ପାଣିଗ୍ରାହୀ, ଲଳିତ କୁମାର ସୁନାରୀ, ଗୌତମ ମେହେର, ଶିବ ପ୍ରସାଦ ମେହେର, ହରେକୃଷ୍ଣ ମେହେର, ସୁବାସ ସାହୁ, ପ୍ରେମାନନ୍ଦ ମେହେର, ରଶ୍ମିରଞ୍ଜନ ସା, ପରମେଶ୍ୱର ମେହେର, ବଂଶୀଧର ଜଗତ ପ୍ରମୁଖ ଯୋଗଦେଇ ପଖାଳ ଦିବସ ମହତ୍ତ୍ୱ ବିଷୟରେ ନିଜସ୍ୱ ମତ ରଖିଥିଲେ। ସ୍ୱାସ୍ଥ୍ୟ ଓ ସ୍ୱାଦ ପାଇଁ ପଖାଳର ଗୁରୁତ୍ୱ ଯେତିକି ରହିଛି ପାରିବାରିକ ସଂପର୍କକୁ ସୁଦୃଢ କରିବାରେ ମଧ ଏହାର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହୁଥିବା ଅଲୋଚକମାନେ ଏ ଅବସରରେ ମତ ପ୍ରକାଶ କରିଥିଲେ। ଏଥିସହ ଘରଚଟିଆ ଦିବସ ଉପଲକ୍ଷେ ଏହି ଚିଁକି ପକ୍ଷୀର ସୁରକ୍ଷା ବିଷୟରେ ଆଲୋଚନା ହୋଇଥିଲା। ଶେଷରେ ରଶ୍ମୀରଞ୍ଜନ ସା ଧନ୍ୟବାଦ ଦେଇଥିଲେ।

# ମାନସିକ ଚାପ ନିୟନ୍ତ୍ରଣ ସମ୍ବନ୍ଧୀୟ ଆଲୋଚନାଚକ୍ର

ଭବାନୀପାଟଣା,୨୦।୩(ଉତ୍ତମ କୁମାର ଦାଶ)

ଭବାନୀପାଟଣା ବିକାଶ ନର୍ସିଂ ମହାବିଦ୍ୟାଳୟରେ ବୁଧବାର ମାନସିକ ଚାପ ନିୟନ୍ତ୍ରଣ ସମ୍ବନ୍ଧୀୟ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରାକେଶ ସାହୁ, ଅନ୍ୟତମ ଅତିଥି ଭାବେ କ୍ଲିନିକାଲ ସାଇକୋଲୋଜିଷ୍ଟ ଅମ୍ରିତା ପ୍ରୀତମ ଯୋଗଦେଇ ବିକାଶ ବିଜ୍ଞାନ ମହାବିଦ୍ୟାଳୟ, ବିକାଶ ଆଇଟି ଏଣ୍ଡ ମ୍ୟାନେଜେଣ୍ଟ ମହାବିଦ୍ୟାଳୟ, ବିକାଶ ନର୍ସିଂ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କୁ ମାନସିକ ଚାପ ନିୟନ୍ତ୍ରଣ ଜ୍ଞାନ କୌଶଳ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବିକାଶ ଗ୍ରୁପ ଭବାନୀପାଟଣାର ନିର୍ଦ୍ଦେଶକ ଡି. ଶ୍ୟାମ, ନିର୍ଦ୍ଦେଶକ ଡି. ରାମ କୁମାର, ବିକାଶ ଅନୁଷ୍ଠାନ ପରିଚାଳନା କମିଟି ସଦସ୍ୟା ଡି. ପଦ୍ମିନୀ ମଧ ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୋଧନ ଦେବା ସହିତ ଅତିଥିମାନଙ୍କୁ ସମ୍ବୋଧିତ କରିଥିଲେ। ଏଥି ସହିତ ଅନୁଷ୍ଠାନର ନର୍ସିଂ ମହାବିଦ୍ୟାଳୟ ଅଧ୍ୟକ୍ଷା କେ. ଜୟଶ୍ରୀ, ଆଇଟି ଏଣ୍ଡ ମ୍ୟାନେଜେଣ୍ଟ ଅଧ୍ୟକ୍ଷା ସୁଦିପ୍ତ ଜେନା, ବିଜ୍ଞାନ ବିଭାଗ ଅଧ୍ୟକ୍ଷ୍ୟ ଆଦିତ୍ୟ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି।

# ସମସ୍ୟାରେ କାଠଘରା ଆବାସିକ ବିଦ୍ୟାଳୟ

ଥୁଆମୂଳ ରାମପୁର,୨୦।୩(ଦୁର୍ଗା କୀର୍ତ୍ତି)



## ଶିକ୍ଷକ ଅନୁପସ୍ଥିତ, ସ୍କୁଲ ଛାଡ଼ି ଘରମୁହାଁ ଛାତ୍ରୀଛାତ୍ର

ସରକାର ଆଦିବାସୀ ପଛୁଆ ଅଞ୍ଚଳରେ ଶିକ୍ଷାର ବିକାଶ ପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରୁଛନ୍ତି। କିନ୍ତୁ ଏହାର ଠିକ ବିନିଯୋଗ ଓ ବିଭାଗୀୟ ଅଧିକାରୀଙ୍କ କର୍ତ୍ତବ୍ୟରେ ଅବହେଳା ଏବଂ ଉଚିତ ତଦାରଖର ଅଭାବ ଯୋଗୁ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ଛାଡି ଘରକୁ ଚାଲି ଯାଉଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଆଦିବାସୀ ଅଧ୍ୟୁଷିତ ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ଗୁଣପୁର ଗ୍ରାମପଞ୍ଚାୟତ କାଠଘରା ଆବାସିକ ବିଦ୍ୟାଳୟରେ। ଜିଲାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ଗୁଣପୁର ଗ୍ରାମପଞ୍ଚାୟତର କାଠଘରା ଆବାସିକ ବିଦ୍ୟାଳୟରେ ଏଭଳି ସମସ୍ୟା ଦେଖା ଦେଇଥିବା ଘଟଣା ସାମନାକୁ ଆସିଛି। ଘଟଣାରୁ ଜଣାପଡେ ଯେ, ବିଦ୍ୟାଳୟରେ ଶିକ୍ଷକ ଶିକ୍ଷୟିତ୍ରୀ ନିୟମିତ ଅନୁପସ୍ଥିତ ରହୁଥିବା ଓ ମେସ ପରିଚାଳନା ସୁଚାରୁ ରୂପେ ହେଉ ନ ଥିବାରୁ ବିଦ୍ୟାଳୟରେ ସବୁବେଳେ ଅଶାନ୍ତିର ବାତାବରଣ ଲାଗି ରହିଛି। ଯଦ୍ୱାରା ଛାତ୍ରୀଛାତ୍ରଙ୍କ ପଢାପଢିରେ ବ୍ୟାଘାତ ସୃଷ୍ଟି ହେଉଛି। ଛାତ୍ରୀଛାତ୍ରମାନେ ଏଥିପାଇଁ ବିଦ୍ୟାଳୟ ଛାଡି ଘରକୁ ଚାଲି ଯାଉଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ବିଦ୍ୟାଳୟରେ ପରୀକ୍ଷା ସବୁ ଚାଲିଛି। ତଥାପି ଏଭଳି ସମସ୍ୟା ଲାଗି ରହିବା ବିଡ଼ମ୍ବନାର ବିଷୟ। କୌଣସି ଛୁଟିଦିନ ନ ଥିବା ସତ୍ତ୍ୱେ ପିଲାମାନେ ଘରକୁ ଚାଲି ଯିବା ଘଟଣା ଅଭିଭାବକ ମହଲରେ କ୍ଷୋଭ ପ୍ରକାଶ ପାଇଛି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଛାତ୍ରୀଛାତ୍ର ଓ ଅଭିଭାବକ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସତର୍କ କରାଇ ଦେଇଛନ୍ତି। ଏ ନେଇ ବ୍ଲକ ଗୋଷ୍ଠି ଶିକ୍ଷାଧିକାରୀଙ୍କୁ ଫୋନ ଯୋଗେ ଯୋଗାଯୋଗ କରିଥିଲେ ମଧ ସମ୍ଭବ ହୋଇପାରି ନାହିଁ।

## ସଂକ୍ଷେପରେ

### ନାମଯଜ୍ଞରେ ବିଧାୟକ

ବରଗଡ଼,୨୦।୩(ପ୍ରେମାନନ୍ଦ ଖମାରୀ): ବରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଟାପାଲି ବାଞ୍ଜିପାଲି ଗ୍ରାମରେ ଅନୁଷ୍ଠିତ ନାମଯଜ୍ଞରେ ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ପ୍ରଭୁଙ୍କ ନାମ ସଂକୀର୍ତ୍ତନରେ ସାମିଲ ହେବା ସହିତ ଆୟୋଜକମାନଙ୍କୁ ସେ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରସରା ପ୍ରାଥମିକ କୃଷି ସମବାୟ ସମିତିର ଅଧ୍ୟକ୍ଷ ଜୟଦେବ ଗଡ଼ତିଆ, ମହୁଲପାଲି ସରପଞ୍ଚ ରବିନ୍ଦ୍ର ଭୋଇ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ।

### ସଙ୍ଗୀତ ଏକାଡେମୀ ସଦସ୍ୟଙ୍କୁ ସମ୍ବର୍ଦ୍ଧନା

ବରଗଡ଼,୨୦।୩(ପ୍ରେମାନନ୍ଦ ଖମାରୀ): ବରଗଡ଼ ପୌର ପରିଷଦ ଅଧିନ ୱାର୍ଡ ନଂ. ୧୮ବାନ୍ଧୁଟିକ୍ରା (ଭିଏସଏସ ନଗର)ରେ ବୁଧବାର ଓଡ଼ିଶା ସଙ୍ଗୀତ ଏକାଡେମୀର ନୂତନ ସଦସ୍ୟ କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ କାଳୀଚରଣ ବାଗଙ୍କୁ ସମଲେଶ୍ୱରୀ ନୂପୁର କଳା ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସମାରୋହରେ ପରିଷଦ ସଭାପତି ଶ୍ରୀକାନ୍ତ ମିଶ୍ର, ଉପସଭାପତି ରବିନ୍ଦ୍ର ବାଗଙ୍କ ସମେତ ଅନ୍ୟ ସଦସ୍ୟ, କଳାକାରବୃନ୍ଦ ଉପସ୍ଥିତ ଥିଲେ। ପଦ୍ମଶ୍ରୀ ବିନୋଦ ପଶାୟତଙ୍କ ରଚିତ, ରବିନ୍ଦ୍ର ବାଗଙ୍କ ନିର୍ଦ୍ଦେଶିତ ନାଟକ ଅଲାର୍‌ର ଶୁଭାରମ୍ଭ କରାଯାଇଥିଲା।

# କ୍ଷତିପୂରଣ ମିଳିଲାନି, ଧାରଣାକୁ ଅଣଦେଖା

ବରଗଡ଼,୨୦।୩(ପ୍ରେମାନନ୍ଦ ଖମାରୀ)


ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଚାଷୀମାନେ ଧାରଣା ଦେଇଛନ୍ତି।

- ଅଷ୍ଟମ ଦିନରେ ଚାଷୀଙ୍କ ଧାରଣା
- ବିଭାଗୀୟ ଅଧିକାରୀଙ୍କ ଦେଖାନାହିଁ

ବରଗଡ଼ ଜିଲାରେ ଚାଷ, ଚାଷୀଙ୍କ ସମସ୍ୟା ଅସମାହିତ ହୋଇରହିଛି। ଧାନବିକ୍ରି ସମୟରେ ଚାଷୀଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି) ଠିକ୍‌ଭାବେ ମିଳୁ ନ ଥିବାବେଳେ ପ୍ରାକୃତିକ ବିପର୍ଯ୍ୟୟରେ ଫସଲକ୍ଷତି ହେଲେ ସୁଦ୍ଧା ଚାଷୀଙ୍କୁ ବୀମା କ୍ଷତିପୂରଣ କିମ୍ବା ଇନ୍‌ପୁଟ୍ ସବସିଡ଼ି ସହାୟତା ପ୍ରଦାନ କରାଯାଉନାହିଁ। ଏଭଳି ଅଭିଯୋଗରେ ବୀମା କ୍ଷତିପୂରଣ ଏବଂ ଇନ୍‌ପୁଟ୍ ସବସିଡ଼ି ସହାୟତା ପ୍ରଦାନ ଦାବିରେ ସଂଯୁକ୍ତ କୃଷକ ସଙ୍ଗଠନ ନେତୃତ୍ୱରେ ଚାଷୀମାନେ ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ତେବେ ବୁଧବାର ଧାରଣା ଅଷ୍ଟମ ଦିବସରେ ପହଞ୍ଚିଥିବା ବେଳେ ଦାବି ପୂରଣ ହେବା ତ ଦୂରର କଥା, ଏହି ସମୟରେ ଧାରଣାରତ ଚାଷୀଙ୍କୁ ଭେଟିବା ପାଇଁ କୌଣସି ବିଭାଗୀୟ ଅଧିକାରୀ ସେମାନଙ୍କ ସହିତ ଆଲୋଚନା ସୁଦ୍ଧା କରିନାହାନ୍ତି। ଏହାକୁ ନେଇ ଚାଷୀମହଲରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ତେବେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସଂଯୁକ୍ତ କୃଷକ ସଙ୍ଗଠନର ଚାଷୀନେତା ରମେଶ ମହାପାତ୍ର କହିଛନ୍ତି।

ପ୍ରକାଶ ଯେ, ଗତ ଖରିଫ ଧାନ ଅମଳବେଳେ ଅଦିନିଆ ଲଗାଣ ବର୍ଷା ହୋଇଥିଲା। ଏଥିରେ ବ୍ୟାପକ ଧାନ ଏବଂ ପରିବା ଫସଲ ମଧ୍ୟ ପ୍ରଭାବିତ ହୋଇଥିଲା। ବିଭାଗୀୟ ଅଧିକାରୀମାନେ କ୍ଷୟକ୍ଷତି ଆକଳନ କରି ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ମାତ୍ର ତଦନୁଯାୟୀ ଚାଷୀଙ୍କୁ ବୀମା କ୍ଷତିପୂରଣ କିମ୍ବା ଇନ୍‌ପୁଟ୍ ସବ୍‌ସିଡ଼ି ମିଳି ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏ ନେଇ ଚାଷୀ ପ୍ରତିନିଧି, ଜିଲା ପ୍ରଶାସନ ଏବଂ ବୀମା କମ୍ପାନୀ ମଧ୍ୟରେ ତ୍ରିପାକ୍ଷିକ ବୈଠକ ହୋଇଥିଲା। ବୈଠକରେ କ୍ଷତିପୂରଣ ସହାୟତା ପାଇଁ ଚାଷୀଙ୍କୁ ଆଶ୍ୱାସନା ଦିଆଯାଇଥିଲା। ମାତ୍ର ତାହା ପ୍ରତାରଣା ପାଲଟିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

ଚାଷୀଙ୍କ ପ୍ରତି ଏଭଳି ଅଣଦେଖା ପ୍ରତିବାଦରେ ସଂଯୁକ୍ତ କୃଷକ ସଙ୍ଗଠନ ନେତୃତ୍ୱରେ ଚାଷୀମାନେ ଗତ ୧୩ତାରିଖରେ ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ତାଲା ପକାଇବା ସହିତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ସବୁଦିନ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଧାରଣା ଚାଲିଛି। ତେବେ ଧାରଣା ପୂର୍ବରୁ କୌଣସି ଅଧିକାରୀ କାର୍ଯ୍ୟାଳୟ ଭିତରକୁ ପ୍ରବେଶ କରିଥିଲେ, ଚାଷୀମାନେ ସେମାନଙ୍କୁ କାର୍ଯ୍ୟାଳୟରୁ ବାହାର କରି ଦେଇ ପୁଣି ତାଲା ପକାଇ ଦେଉଛନ୍ତି। ହକ୍ ଦାବିରେ ଗୋଟିଏ ପଟେ ଚାଷୀ କାମଧନ୍ଦା ଛାଡ଼ି ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିବାବେଳେ ଅନ୍ୟପଟେ ଆନ୍ଦୋଳନ ଯୋଗୁ ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ ଅଫିସ କାର୍ଯ୍ୟ ମଧ୍ୟ ପ୍ରଭାବିତ ହେଉଛି। ଏହାସତ୍ତ୍ୱେ ଚାଷୀଙ୍କ ଏଭଳି ଧାରଣାକୁ ପଦସ୍ଥ ପ୍ରଶାସନିକ ଅଧିକାରୀମାନେ ଅଣଦେଖା କରିବା ଏବଂ ଆଲୋଚନା ପାଇଁ ସେମାନଙ୍କ ପାଖକୁ ନ ପହଞ୍ଚିବା ଚର୍ଚ୍ଚାର ବିଷୟ ହୋଇଛି।

ପ୍ରତିଦିନ ଧାରଣାରେ ଜିଲାର ବିଭିନ୍ନ ବ୍ଲକର ଚାଷୀ ପ୍ରତିନିଧିମାନେ ଧାରଣାରେ ସାମିଲ ହେଉଛନ୍ତି। ବୁଧବାର ଭେଡ଼େନ ବ୍ଲକର ଚାଷୀ ପ୍ରତିନିଧି ସୁଦାମ ପାତ୍ର, ନନ୍ଦିଘୋଷ ମିଶ୍ର, ସୁଧାଂଶୁ ଦୀପ, ପ୍ରକାଶ ପ୍ରଧାନଙ୍କ ସମେତ ଅନେକ ଚାଷୀ ଧାରଣାରେ ସାମିଲ ହୋଇଥିଲେ। ସଂଯୁକ୍ତ କୃଷକ ସଙ୍ଗଠନର ଆବାହକ ଉତ୍ପନ୍ନ କୁମାର ଭୋଇ, ରମେଶ ମହାପାତ୍ର, ସୁରେଶ ନେକାଣ୍ଡି ପ୍ରମୁଖ ଏହାର ନେତୃତ୍ୱ ନେଉଛନ୍ତି। ଗୁରୁବାର ଅତାବିରା ବ୍ଲକର ଚାଷୀ ପ୍ରତିନିଧିମାନେ ଧାରଣାରେ ସାମିଲ ହେବେ ବୋଲି ସୂଚନା ମିଳିଛି।

# ପାଇକମାଳରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ


ପାଇକମାଳ ଅଞ୍ଚଳରେ ପୋଲିସ ପକ୍ଷରୁ ଫ୍ଲାଗ୍ ମାର୍ଚ୍ଚ କରାଯାଉଛି।

ପାଇକମାଳ,୨୦।୩(ବଢ଼ ଶତପଥୀ)

ବରଗଡ଼ ଜିଲା ପାଇକମାଳ ପୋଲିସ ପକ୍ଷରୁ ପ୍ରତିଦିନ ବିଭିନ୍ନ ଗାଁରେ ଫ୍ଲାଗ୍‌ମାର୍ଚ୍ଚ ଚାଲିଛି। ଆସନ୍ତା ନିର୍ବାଚନକୁ ଆଖିଆଗରେ ରଖି ଶାନ୍ତିଶୃଙ୍ଖଳା ଓ ଅପରାଧମୁକ୍ତ ନିର୍ବାଚନ କରାଯିବା ତଥା ନିର୍ଭୀକ ଭାବେ ଭୋଟ ଦେବା ପାଇଁ ପୋଲିସ ପ୍ରୟାସ କରୁଛି। ଗତ ୫ଦିନ ଧରି ପଦ୍ମପୁର ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇଙ୍କ ତତ୍ତ୍ୱାବଧାନ ଏବଂ ପାଇକମାଳ ଆଇଆଇସି ସୁଶାନ୍ତ କୁମାର ବଢ଼େଇଙ୍କ ନେତୃତ୍ୱରେ ଆଇଆର୍‌ବି, ଡିଭିଏଫ୍, ସିଆର୍‌ପିଏଫ୍, ଆର୍ମ ପୋଲିସ ଡଗ୍ ସ୍କ୍ୱାଡ୍ ସହ ଫ୍ଲାଗ୍‌ମାର୍ଚ୍ଚ କରୁଛନ୍ତି। ଏହି କ୍ରମରେ ବୁଧବାର ପାଇକମାଳ, ଜର୍ଜଗଡ଼, ସାଲେପାଲି, ବାଦୀବାହାଲ, ଭୂଇଁଖାର, ବରତୁଣ୍ଡା, ପୁରେନା, ଦୁଡ଼କିଝରିଆ, ଭେରୁଆମୁଣ୍ଡା, ମାଣ୍ଡୋସିଲ, ଜାମସେଠ ପ୍ରମୁଖ ଗ୍ରାମରେ ଫ୍ଲାଗ୍‌ମାର୍ଚ୍ଚ ହୋଇଥିଲା। ଏ ନେଇ ଆଇଆଇସି ବଢ଼େଇଙ୍କୁ ପଚାରିବାରୁ ଗାଁଗୁଡିକରେ ଭୋଟରମାନେ କାହାକୁ ନ ଡରି ନିର୍ଭୀକ ଭାବେ ନିଜ ଇଚ୍ଛାରେ ଭୋଟଦାନ କରିବେ ଏବଂ ଶାନ୍ତିଶୃଙ୍ଖଳାରେ ଭୋଟଗ୍ରହଣ କରାଯିବ ସେଥିପାଇଁ ଫ୍ଲାଗ୍‌ମାର୍ଚ୍ଚ କରାଯାଉଛି ବୋଲି ସେ କହିଥିଲେ।

# ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟଙ୍କ ଜୟନ୍ତୀ ପାଳନ

ବରଗଡ଼,୨୦।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ାସ୍ଥିତ ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ ଶିଳ୍ପ ତାଲିମ କେନ୍ଦ୍ରରେ ବୁଧବାର ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟଙ୍କ ୧୨୫ତମ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ଅନୁଷ୍ଠାନର ଅଧ୍ୟକ୍ଷ ସରୋଜ କୁମାର ମାଝୀଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ସଭାରେ ବରଗଡ଼ ସିମେଣ୍ଟ କାରଖାନାର ସିଏସ୍ଆର ମୁଖ୍ୟ ପ୍ରଦୀପ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ପଦ୍ମଶ୍ରୀ ସ୍ୱର୍ଗତ ଆଚାର୍ଯ୍ୟ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ନିଜ ଦକ୍ଷତା ବଳରେ ଲକ୍ଷ୍ୟ ପୂରଣରେ ସକ୍ଷମ ହୋଇଥିଲେ ବୋଲି ମୁଖ୍ୟ ଅତିଥି କହିଥିଲେ। ଏହାସହିତ ସମସ୍ତ ଛାତ୍ରୀଛାତ୍ର ନିଜ ଦକ୍ଷତା ଉପଯୋଗ କରି ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ। ଅଧ୍ୟାପକ ବିନୋଦ ବୁଧିଆ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଉକ୍ତ ଅନୁଷ୍ଠାନର ସମସ୍ତ ଛାତ୍ରୀଛାତ୍ର, କର୍ମଚାରୀ ନିକଟସ୍ଥ ପଁର୍ରାପାଟ୍ ମନ୍ଦିରକୁ ଯାଇ ସଡ଼କ ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସାଧୀନ ଥିବା ଅନୁଷ୍ଠାନର ପରିଚାଳନା କମିଟି ଚେୟାରମ୍ୟାନ ପ୍ରସନ୍ନ ଆଚାର୍ଯ୍ୟଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ।


ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ ଶିଳ୍ପ ତାଲିମ କେନ୍ଦ୍ରରେ ଅନୁଷ୍ଠିତ ଜୟନ୍ତୀ ପାଳନ ସମାରୋହ।



ମାହେଶ୍ୱରୀ ନର୍ସିଂ କଲେଜ ପକ୍ଷରୁ ବିଶ୍ୱ ମୁଖ ଗହ୍ୱର ଦିବସ ପାଳନ।

# ମାହେଶ୍ୱରୀ ନର୍ସିଂ କଲେଜରେ ବିଶ୍ୱ ମୁଖ ଗହ୍ୱର ଦିବସ

ବରଗଡ଼,୨୦।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ମାହେଶ୍ୱରୀ ନର୍ସିଂ କଲେଜ ପକ୍ଷରୁ ବୁଧବାର ବିଶ୍ୱ ମୁଖ ଗହ୍ୱର ଦିବସ ପାଳିତ ହୋଇଛି। ଏହି ଅବସରରେ ସ୍ଥାନୀୟ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରହିଥିବା ଜାତୀୟ ସ୍ୱାସ୍ଥ୍ୟ ମିଶନ ସଭାଗୃହରେ ଉକ୍ତ କଲେଜର ନର୍ସିଂ ଛାତ୍ରୀଛାତ୍ର ଏବଂ କର୍ମଚାରୀଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଶ୍ୱ ମୁଖ ଗହ୍ୱର ଦିବସ ଉପରେ ମାହେଶ୍ୱରୀ ନର୍ସିଂ କଲେଜ ଛାତ୍ରୀଛାତ୍ରଙ୍କୁ ନେଇ ସ୍ଲୋଗାନ ରଚନା ପ୍ରତିଯୋଗିତା ହୋଇଥିଲା। ଉକ୍ତ ପ୍ରତିଯୋଗିତାରେ କଲେଜର ଛାତ୍ରୀ ଝରଣା ସାହୁ ପ୍ରଥମ, ସାଇନା ବାରିକ ଦ୍ୱିତୀୟ ଏବଂ ହୃଦୟା ତିର୍କୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମରେ ଡା. ନିରୁପମା ଷଡ଼ଙ୍ଗୀ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ପ୍ରଦୀପ ମଜୁମଦାର, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁବାଷ ଅଗ୍ରୱାଲ, ଡା. ସୁନିଲ ବାଗ, ଡା. ଏମ.ଏସ୍ ଶର୍ମା, ଡା. ପି.ସି ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ବିଶ୍ୱ ମୁଖ ଗହ୍ୱର ଦିବସ ପାଳନର ଆଭିମୁଖ୍ୟ ଉପରେ ସେମାନେ ଆଲୋକପାତ କରିବା ସହିତ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ।

# କାଠଡେରା ଗୁଣ୍ଡିଚା ମନ୍ଦିର ପ୍ରତିଷ୍ଠା ସମ୍ପନ୍ନ

ସରଣ୍ଡା,୨୦।୩(ଯୁଧିଷ୍ଠିର ମହାପାତ୍ର)

ଗତ ୧୫ରୁ ୨୦ତାରିଖ ପର୍ଯ୍ୟନ୍ତ ୬ଦିନ ଧରି ଚାଲିଥିବା ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ କାଠଡେରା ଶ୍ରୀଗୁଣ୍ଡିଚା ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ମହୋତ୍ସବର ପୂର୍ଣ୍ଣାହୂତି ବୁଧବାର ହୋଇଛି। ନୂତନ ଗୁଣ୍ଡିଚା ମନ୍ଦିର ନିର୍ମାଣ ଏବଂ ବିଗ୍ରହ ସ୍ଥାପନ ସହିତ ଏହାକୁ ସଂଲଗ୍ନ କରି ରଥଯାତ୍ରା ସମୟରେ ୬ଖଣ୍ଡ ଗ୍ରାମରୁ ଆସୁଥିବା ଜଗନ୍ନାଥଙ୍କ ପାଇଁ ପୃଥକ ଭାବେ ୬ଟି ମାଉସୀ ମାଁ ଗୁଣ୍ଡିଚା ମନ୍ଦିର ନିର୍ମାଣର ମଧ ପ୍ରତିଷ୍ଠା କରାଯାଇଛି। ଏଥିପାଇଁ ୧୫ତାରିଖରେ ଅଙ୍କୁରାରୋପଣ, ୧୬ରେ କଳସଯାତ୍ରା, ୧୭ରେ ପୂଜାରମ୍ଭ, ବାସ୍ତୁପୂଜା, ଯୂପସ୍ନାନ, ଅନ୍ନାଭରଣ, ଅଗ୍ନି ସ୍ଥାପନ, ହୋମ, ୧୮ରେ ମଣ୍ଡପ ଦେବତା ପୂଜା, ବିଗ୍ରହଙ୍କ ମହାସ୍ନାନ, ଗୀତାଯଜ୍ଞ, ଆରତୀ, ପୁଷ୍ପାଞ୍ଜଳି, ୧୯ତାରିଖ ମଣ୍ଡପ ଦେବାଦେବୀଙ୍କ ପୂଜନ, ବିଗ୍ରହମାନଙ୍କ ଫଳ ପୁଷ୍ପାଭିଷେକ, ମନ୍ଦିର ଅଧିବାସ, ସ୍ନାନ, ଚଣ୍ଡିହୋମ ଏବଂ ୨୦ତାରିଖରେ ବିଗ୍ରହ ପ୍ରତିଷ୍ଠା, ଷୋଡ଼ଶ ଉପଚାର ପୂଜା, ବିଷ୍ଣୁ ଓ ଦେବୀଙ୍କ ସହସ୍ର ନାମ ହୋମ, ଧ୍ୱଜ କଳସ ସ୍ଥାପନ, ବିଗ୍ରହ ମନ୍ଦିର ପ୍ରବେଶ ସହ ପୂର୍ଣ୍ଣାହୂତି ହୋଇଥିଲା। ପ୍ରତିଦିନ ଭକ୍ତମାନଙ୍କ ପାଇଁ ଅନ୍ନଭୋଜନ ବ୍ୟବସ୍ଥା କରାଯାଇଥିଲା। ୧୬ ଓ ୧୭ ତାରିଖରେ ଲୋକ ମହୋତ୍ସବ, ମହିଳା ସଂକୀର୍ତ୍ତନ, ୧୮ତାରିଖରେ ପାରାୟଣ, କୃଷ୍ଣଗୁରୁ, ଭଜନ, ୧୯ତାରିଖରେ କୃଷ୍ଣ ଗୁରୁ, ପାରାୟଣ ଏବଂ ୨୦ତାରିଖରେ ସ୍ଥାନୀୟ କୀର୍ତ୍ତନ ଓ ଅର୍କେଷ୍ଟ୍ରା ପରିବେଷଣ ହୋଇଥିଲା। ସେହିପରି ଅଷ୍ଟପ୍ରହର ନାମଯଜ୍ଞର ପୂର୍ଣ୍ଣାହୂତି ମଧ ବୁଧବାର ପଡିଥିଲା। ମନ୍ଦିରରେ ମାଁ ଗୁଣ୍ଡିଚାଙ୍କ ବିଗ୍ରହ ସ୍ଥାପନ କରାଯାଇଥିଲା। ମୁଖ୍ୟ ପୁରୋହିତ ପଣ୍ଡିତ ବାବୁଲାଲ ପାଣ୍ଡିଆଙ୍କ ସମେତ ୨୧ଜଣ ସହଯୋଗୀ ଏବଂ ମୁଖ୍ୟ କର୍ତ୍ତା ସଞ୍ଜୀବ ପତି ସସ୍ତ୍ରୀକ ଏବଂ ୨୧ଯୋଡ଼ି କର୍ତ୍ତା କାର୍ଯ୍ୟ ସମ୍ପାଦନ କରିଥିଲେ।


ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପନୀ ଦିବସରେ ମନ୍ଦିର ପରିସର ଲୋକାରଣ୍ୟ।

# ଯୁବକଙ୍କୁ ହତ୍ୟା ସନ୍ଦେହ

ବରପାଲି,୨୦।୩(ଚିତ୍ତରଞ୍ଜନ ସାହୁ): ବରଗଡ଼ ଜିଲା ବରପାଲି ଥାନା ବାବୁପାଲି ଗ୍ରାମରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିବା ତାଙ୍କ ସ୍ତ୍ରୀ ଥାନାରେ ଅଭିଯୋଗ କରିଛନ୍ତି। ମୃତକ ହେଲେ ଗମ୍ଭୀର ଭୋସାଗର। ବୁଧବାର ବରପାଲି ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଘଟଣାରେ ପୋଲିସ ଏକ ମାମଲା (ନଂ.୧୦୮/୨୪) ରୁଜୁ କରି ଏଥିରେ ସମ୍ପୃକ୍ତି ସନ୍ଦେହରେ ୨ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି ବୋଲି ଆଇଆଇସି ଜୟରଶ୍ମୀ ସେଠୀ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟାରେ ଗମ୍ଭୀରଙ୍କୁ ଜଣେ ଯୁବକ ଘରୁ ଡାକି ନେଇଥିଲେ। ରାତି ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ବହୁ ଖୋଜାଖୋଜି କରିଥିଲେ। ଶେଷରେ ଟିଙ୍ଗିପାଲି ଘାଟରେ ଗମ୍ଭୀରଙ୍କୁ ଗୁରୁତର ଅବସ୍ଥାରେ ପାଇଥିଲେ। ତୁରନ୍ତ ତାଙ୍କୁ ବରପାଲି ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ସରକାରୀ ଓକିଲଙ୍କୁ ନେଇ ବୈଠକ

ବରଗଡ଼,୨୦।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ରହିଥିବା ସମ୍ମିଳନୀ କକ୍ଷରେ ବୁଧବାର ଜିଲାର ସମସ୍ତ ସରକାରୀ ଓକିଲଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ସରକାରୀ ଓକିଲଙ୍କ କେଶ ବାବଦରେ ସମସ୍ତ ସୁବିଧା, ଅସୁବିଧା ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ବରଗଡ଼ ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ, ଡାଇରେକ୍ଟର ଅଫ ପବ୍ଲିକ ପ୍ରୋସିକ୍ୟୁଟର(ଡିପିପି) ଶ୍ୟାମସୁନ୍ଦର ଦାଶ, ପବ୍ଲିକ ପ୍ରୋସିକ୍ୟୁଟର(ପି.ପି) ସଞ୍ଜୟ କୁମାର ପ୍ରଧାନ, ଅତିରିକ୍ତ ପବ୍ଲିକ ପ୍ରୋସିକ୍ୟୁଟର ମନୋଜ ଏକ୍କା ଏବଂ ସମସ୍ତ ସରକାରୀ ଓକିଲ ଉପସ୍ଥିତ ଥିଲେ। ଏହି ଅବସରରେ ଡିପିପି ଦାଶଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

# ନିର୍ବାଚନ ପାଇଁ ପ୍ରଶାସନିକ ତତ୍ପରତା

ବରଗଡ଼,୨୦।୩(ପ୍ରେମାନନ୍ଦ ଖମାରୀ)


ବରଗଡ଼ ବ୍ଲକ ଗାଇସିମା ପଞ୍ଚାୟତରୁ ହୋର୍ଡିଂ ହଟାଯାଉଛି।

ନିର୍ବାଚନ ତାରିଖ ଘୋଷଣାଠାରୁ ଶେଷ ହେବା ପର୍ଯ୍ୟନ୍ତ ଜିଲାରେ ଅବାଧ, ନିରପେକ୍ଷ ଏବଂ ଶାନ୍ତିପୂର୍ଣ୍ଣ ଭାବେ ନିର୍ବାଚନ କରିବା ପାଇଁ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଆଦିତ୍ୟ ଗୋୟଲଙ୍କ ତତ୍ତ୍ୱାବଧାନରେ ଜିଲା ପ୍ରଶାସନ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛି। ଆଦର୍ଶ ଆଚରଣ ବିଧି ଲାଗୁହେବାର ୭୨ଘଣ୍ଟା ମଧ୍ୟରେ ଜିଲାର ସମସ୍ତ ସରକାରୀ ଦପ୍ତର, ବସ୍‌ଷ୍ଟାଣ୍ଡ, ମନ୍ଦିର, ରେଳଷ୍ଟେଶନ ଭଳି ସର୍ବସାଧାରଣ ସ୍ଥାନରେ ଲାଗିଥିବା ବିଭିନ୍ନ ରାଜନୈତିକ ଦଳର ଚିହ୍ନ ଥିବା ହୋର୍ଡିଂ, ଚିତ୍ରକଳା, କାନ୍ଥଚିତ୍ର ଏବଂ ରାଜନେତାଙ୍କ ଫଟୋଚିତ୍ର ଆଦି ବାହାର କରି ଦିଆଯାଉଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପୌରାଞ୍ଚଳ ଏବଂ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଟିମ୍‌ଗୁଡ଼ିକ ଗଠନ ହେବା ସହିତ ସେଭଳି ହୋର୍ଡିଂଗୁଡ଼ିକୁ ହଟାଇ ଦିଆଯାଉଛି।

ନିର୍ବାଚନ ପ୍ରକ୍ରିୟା ତଦାରଖ ତଥା ସୁପରିଚାଳନା ପାଇଁ ଜିଲାସ୍ତରରେ ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀ ପାଇଁ ଫ୍ଲାଇଂ ସ୍କ୍ୱାଡ୍, ଷ୍ଟାଟିକ୍ ସର୍ଭିଲାନ୍ସ ଟିମ୍, ଭିଡ଼ିଓ ସର୍ଭିଲାନ୍ସ ଟିମ୍, ଭିଡ଼ିଓ ଭିଉଇଙ୍ଗ ଟିମ୍ ଗଠନ କରାଯାଇଛି। ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଗ୍ରହଣ ସହିତ ସେଗୁଡ଼ିକର ଯାଞ୍ଚ କରିବା, ଇଭିଏମ୍ ପରିଚାଳନା, ନିର୍ବାଚନ ସାମଗ୍ରୀ କ୍ରୟ ଓ ତାର ସୁପରିଚାଳନା, ଭୋଟର ସହାୟତା କେନ୍ଦ୍ରରେ କାର୍ଯ୍ୟ କରିବା ନିମନ୍ତେ ସରକାରୀ କର୍ମଚାରୀମାନଙ୍କୁ ନେଇ ବିଭିନ୍ନ ଦଳ ଗଠନ କରାଯାଇଛି। ଏହି କ୍ରମରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ନିର୍ବାଚନ ସମୟରେ ରାଜନୈତିକ ବିଜ୍ଞାପନର ପ୍ରାକ୍ ସାର୍ଟିଫିକେଟ, ଦୂରଦର୍ଶନ, ଖବରକାଗଜ ଏବଂ ସାମାଜିକ ଗଣମାଧ୍ୟମରେ ପ୍ରକାଶିତ ହେଉଥିବା ପେଡ୍ ନିଉଜ ଗୁଡ଼ିକର ତଦାରଖ ଏବଂ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ମିଡ଼ିଆ ସାର୍ଟିଫିକେଶନ ଏବଂ ମନିଟରିଂ ସେଲ୍ ଖୋଲାଯାଇଛି। ଜିଲାର ମତଦାତାଙ୍କୁ ୨୪ଘଣ୍ଟା ସହାୟତା ଦେବା ପାଇଁ ନିର୍ବାଚନ ନିୟନ୍ତ୍ରଣ କକ୍ଷ(ଇଲେକ୍ସନ କଣ୍ଟ୍ରୋଲ ରୁମ୍) ଖୋଲାଯାଇଛି। ମତଦାତାମାନେ ନିଜ ଅଭିଯୋଗ କିମ୍ବା ମତଦାନ ସମ୍ପର୍କିତ ସନ୍ଦେହ ଦୂର କରିବା ପାଇଁ ଜିଲା ଇଲେକ୍ସନ କଣ୍ଟ୍ରୋଲ ରୁମ୍‌ର ଯୋଗାଯୋଗ ନଂ– ୦୬୬୪୬ ୨୩୨୩୪୬, ୦୬୬୪୬ ୨୩୨୩୪୭ କିମ୍ବା ଭୋଟର ହେଲ୍ପ ଲାଇନ ଟୋଲ ଫ୍ରି ନଂ– ୧୯୫୦କୁ ଯୋଗାଯୋଗ କରିପାରିବେ ବୋଲି ସୂଚନା ଦିଆଯାଇଛି। ସେହିପରି ଏସ୍‌ପି ପି.ଏସ୍. ମୀନାଙ୍କ ନେତୃତ୍ୱରେ ସମଗ୍ର ଜିଲାରେ ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରିବା ସହିତ ବିଭିନ୍ନ ସ୍ଥାନରେ ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଉଛି। ଏହାସହିତ ପୋଲିସ ପକ୍ଷରୁ ଜରୁରୀକାଳୀନ ସହାୟତା ଟୋଲ ଫ୍ରି ନଂ–୧୧୨ ଜାରି କରାଯାଇଛି।

# ବରଗଡ଼ରେ ପଖାଳ ଦିବସ

ବରଗଡ଼/ସରଣ୍ଡା,୨୦।୩
(ପ୍ରେମାନନ୍ଦ ଖମାରୀ/(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ରାଣାପ୍ରତାପ ସ୍କୁଲ ପରିସରରେ ବୁଧବାର ପଖାଳ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପଖାଳ ସଂସ୍କୃତି ଉପରେ କବିତା ପାଠୋତ୍ସବ ହୋଇଥିଲା। କାର୍ଯ୍ୟକ୍ରମରେ କବି ମନୋରଞ୍ଜନ ସାହୁ, ପ୍ରୀତମ ସିଂ, ଡ. ରବି ନାରାୟଣ ସାହୁ, ନୁରାବତୀ ସାହୁ, ଶିକ୍ଷୟିତ୍ରୀ ସୁନୀତା ମିଶ୍ର ପ୍ରମୁଖ ପଖାଳ ଶୀର୍ଷକ କବିତା ପାଠ କରିଥିଲେ। ଏହାସହିତ ପଖାଳ ଦିବସ ପାଳନର ଆଭିମୁଖ୍ୟ ଉପରେ ସେମାନେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ସଙ୍ଗଠନର ପ୍ରତିନିଧି ଭାବେ ଅର୍ଜୁନ ସେଟ, ସଂଘମିତ୍ରା ପଟେଲ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ମୀନା ପଣ୍ଡା, ଲେଖିକା ରାଧାରାଣୀ ପଟ୍ଟନାୟକ, ଡାକ୍ତର ଭୋଇ, ନୀଳିମା ପ୍ରଧାନ, ଦୀପିକା କୁଲୁ, ଜ୍ୟୋତି ବେହେରା ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ସମସ୍ତେ ସାମୂହିକ ଭାବେ ପଖାଳ ଖାଇଥିଲେ।

ସେହିପରି ବରଗଡ଼ ଜିଲା ଅତାବିରା ବ୍ଲକ ରେଙ୍ଗାଲିକ୍ୟାମ୍ପଠାରେ ଆଞ୍ଚଳିକ ସାହିତ୍ୟ ପରିଷଦ ପକ୍ଷରୁ ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି। ଅତାବିରା ଆଞ୍ଚଳିକ ସାହିତ୍ୟ ପରିଷଦ ସଭାପତି ଦଶରଥ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଶିକ୍ଷକ ସରୋଜ ରଥ ସଭାକୁ ସଂଯୋଜନା କରିଥିଲେ। ଏଥିରେ ଖବରଦାତା ବାଲାଜୀ ବିଭୂରଞ୍ଜନ ଚୌରାସିଆ ମୁଖ୍ୟଅତିଥି, ଚାଷୀ ଉତ୍ପନ ଭୋଇ ମୁଖ୍ୟବକ୍ତା, ଓଡ଼ିଶା ରାଜ୍ୟ କୃଷକ ସଂଗଠନ ସଭାପତି ବୀରେନ୍ଦ୍ର କର ସମ୍ମାନିତ ଅତିଥିଭାବେ ଯୋଗଦେଇ ଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସୁବାଷ ପ୍ରଧାନ, ସୁରେନ୍ଦ୍ର କାଠାର, ରାଜେଶ ପ୍ରଧାନ, ଗୁରୁଦେବ ଭୋଇ, ନରେନ୍ଦ୍ର ପ୍ରଧାନ, ନରେଶ ପ୍ରଧାନ, ଅଶ୍ୱିନୀ ତ୍ରିପାଠୀ, ସୁରେନ୍ଦ୍ର ସ୍ୱାଇଁ, ସମୀର ପ୍ରଧାନ, କବି କିଶୋର ପାତ୍ର ଓ ସଞ୍ଜୁ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଧର୍ମରାଜ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।




ବରଗଡ଼ ରାଣାପ୍ରତାପ ସ୍କୁଲରେ ପଖାଳ ଦିବସ ପାଳନ କରାଯାଉଛି (ବାମ)। ଅତାବିରା ବ୍ଲକ ରେଙ୍ଗାଲିକ୍ୟାମ୍ପରେ ଆଞ୍ଚଳିକ ସାହିତ୍ୟ ପରିଷଦ ପକ୍ଷରୁ ପଖାଳ ଦିବସ ପାଳନ।

# ଦୃଢ଼ ଇଚ୍ଛାଶକ୍ତି, ବୁଦ୍ଧିମତ୍ତାର ପ୍ରୟୋଗ ସଫଳ ଉଦ୍ୟୋଗୀ ସୃଷ୍ଟିର ପରିଚାୟକ

**ସରକାରୀ ମହିଳା କଲେଜରେ ୨ଦିବସୀୟ ଜାତୀୟ ଆଲୋଚନା ଚକ୍ର ଉଦ୍‌ଯାପିତ**

ସୁନ୍ଦରଗଡ,୨୦।୩( ଜୟ ନାରାୟଣ ମେଣ୍ଡୁଲି)

ସମଗ୍ର ବିଶ୍ୱରେ ଉଦ୍ୟୋଗୀମାନେ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି। ଉଦ୍ୟୋଗୀ ପ୍ରତିଷ୍ଠା ପାଇଁ ଦୃଢ଼ ଇଚ୍ଛାଶକ୍ତି ଓ ଭାବର ଆଦାନ ପ୍ରଦାନର ଆବଶ୍ୟକତା ରହିଛି। ବର୍ତ୍ତମାନ ବିଭିନ୍ନ କ୍ଷେତ୍ରର ଚାହିଦା ଅନୁଯାୟୀ ବୁଦ୍ଧିମତାର ପ୍ରୟୋଗ ଆଧାରରେ ସଫଳ ଉଦ୍ୟୋଗୀ ସୃଷ୍ଟି ହୋଇ ପାରିବେ ବୋଲି ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟରେ ଭାରତର ଅର୍ଥନୀତିରେ ସ୍ଥାୟୀ ବିକାଶ କ୍ଷେତ୍ରରେ ଉଦ୍ୟୋଗର ଭୂମିକା ଶୀର୍ଷକ ୨ ଦିବସୀୟ ଆଲୋଚନା ଚକ୍ରର ଦ୍ୱିତୀୟ ଦିବସରେ ମଙ୍ଗଳବାର ଆଲୋଚକ ମାନେ ଏହା ମତପ୍ରକାଶ କରିଛନ୍ତି। ଏହି ଅଧିବେଶନରେ ସମ୍ବଲପୁରର ସଫଳ ଉଦ୍ୟୋଗୀ ଗୌରବ କେଡିଆ ସାଧନ କର୍ମୀ ଭାବେ ଯୋଗଦେଇ ଥିଲେ। ପ୍ରତିଦ୍ୱନ୍ଦିତା ମୂଳକ ବିଶ୍ୱ ବଜାରରେ ଉଦ୍ୟୋଗୀଙ୍କ ପାଇଁ ଆହ୍ୱାନ ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନା କରି କହିଥିଲେ, ଉଦ୍ୟୋଗୀ ସୃଷ୍ଟି କ୍ଷେତ୍ରରେ ଯୋଗାଯୋଗର ଦକ୍ଷତା ଆଧାରରେ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ସ୍ୱଳ୍ପ ପୁଞ୍ଜିକୁ ପ୍ରୟୋଗ କରି ପ୍ରାଥମିକ ସ୍ତରରେ ବ୍ୟବସାୟ ଆରମ୍ଭ କରିବା ଆବଶ୍ୟକ। ବର୍ତ୍ତମାନ ଓଡ଼ିଶାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସ୍ୱଳ୍ପ ପୁଞ୍ଜିର ଆଧାରରେ ବ୍ୟବସାୟିକ ସଫଳତା ହାସଲ କରିପାରୁଛନ୍ତି। ତେଣୁ ଉଦ୍ୟୋଗୀ ହେବାପାଇଁ ସମସ୍ତ ସୁବିଧା ସୁଯୋଗର ବିସ୍ତୃତ କ୍ଷେତ୍ର ଉପଲବ୍ଧ ରହିଛି ବୋଲି କହିଥିଲେ। ଅନ୍ୟତମ ଆଲୋଚକ ଭାବେ ସମ୍ବଲପୁର ସ୍ଥିତ ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ ବାଣିଜ୍ୟ ବିଭାଗର ସହକାରୀ ପ୍ରଫେସର ଡ. ପ୍ରିୟବ୍ରତ ପଣ୍ଡା ଯୋଗଦେଇ ୟୁରୋପ, ଆମେରିକା ଓ ଭାରତର ଭିନ୍ନ ଭିନ୍ନ ଉଦ୍ୟୋଗିକ ଚିନ୍ତାଧାରା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଭାରତରେ ପ୍ରଚଳିତ ଗାନ୍ଧୀ ଦର୍ଶନ ବାଣିଜ୍ୟ ନୀତି ଆଧାରିତ ଚାହିଦା ଅନୁଯାୟୀ ଉତ୍ପାଦ ସୃଷ୍ଟି ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏଥିସହିତ କୃତ୍ରିମ ପ୍ରତିଦ୍ୱନ୍ଦ୍ୱିତା ଭାରତୀୟ ଉଦ୍ୟୋଗୀଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିଛି। ତେଣୁ ଭାରତୀୟ ଉଦ୍ୟୋଗୀମାନେ ଏହି ଆହ୍ୱାନର ଦୃଢ଼ ମୁକାବିଲା କରି ସମୃଦ୍ଧ ଭାରତ ଗଠନରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ। ଉଦ୍‌ଯାପନୀ ସମାରୋହରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଇନ୍ଦିରା ଗଡନାୟକ ଏହି ୨ ଦିବସୀୟ ଆଲୋଚନା ଚକ୍ର ଛାତ୍ରୀ ,ଅଧ୍ୟାପିକା, ଅଧ୍ୟାପକ ତଥା ସମସ୍ତଙ୍କ ପାଇଁ ଉଦ୍ୟୋଗ ସମ୍ବନ୍ଧୀୟ ଜ୍ଞାନ ଆହରଣରେ ସହାୟକ ହୋଇପାରିଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ଆଲୋଚନା ଚକ୍ରର ଆବାହକ ଡ. ସ୍ୱରୂପ ରଞ୍ଜନ ପଲାଇ ଏହା ବିଦ୍ୟାର୍ଥୀଙ୍କ ପାଇଁ ମାର୍ଗଦର୍ଶନ ସୃଷ୍ଟି କରିପାରିଛି ବୋଲି କହିଥିଲେ। ପରିଚାଳନା ସମ୍ପାଦିକା ଜ୍ୟୋତିରାଣୀ ଗୁପ୍ତା ସମସ୍ତଙ୍କ ସହଭାଗୀତାରେ ଏହି ଆଲୋଚନା ଚକ୍ର ସଫଳ ହୋଇଛି ବୋଲି କହିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ.ସଞ୍ଜିତା ଅଭିଜିତା, ଡ. ସଞ୍ଜୟ କୁମାର ବେହେରା ଓ ଛାତ୍ରୀମାନେ ନିଜର ଅନୁଭୂତି ସମ୍ପର୍କରେ ମତ ରଖିଥିଲେ। ଅଧ୍ୟାପିକା ସୁସ୍ମିତା ଭୋଇ ଧନ୍ୟବାଦ ଦେଇଥିଲେ।



ଜାତୀୟ ଆଲୋଚନାଚକ୍ରରେ ଉପସ୍ଥିତ ଅଧ୍ୟାପିକା ଅଧ୍ୟାପକଙ୍କ ଗହଣରେ ଛାତ୍ରୀମାନେ।

# ବିକାଶଶୀଳ ନିର୍ବାଚନମଣ୍ଡଳୀର ପ୍ରତିଶ୍ରୁତି ଦେଲେ ବିଧାୟିକା

ବ୍ରଜରାଜନଗର,୨୦।୩ (ବିଜୟ ବରାଡ଼)

ବ୍ରଜରାଜନଗରକୁ ଆଗାମୀ ଦିନରେ ଓଡ଼ିଶାର ଏକ ବିକାଶଶୀଳ ନିର୍ବାଚନମଣ୍ଡଳୀ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି ସ୍ଥାନୀୟ ବିଧାୟିକା ଅଳକା ମହାନ୍ତି। ଲଖନପୁର ବ୍ଲକ ଅନ୍ତର୍ଗତ କୁରେମାଲ ପାନ୍ଥନିବାସରେ ବୁଧବାର ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଯୋଗଦେଇ ଅଳକା କହିଛନ୍ତି, ଲୋକମାନଙ୍କ ସେବା କରିବା ଉଦ୍ଦେଶ୍ୟରେ ସେ ରାଜନୀତି କ୍ଷେତ୍ରରେ ପ୍ରବେଶ କରିଥିଲେ। ଲୋକଙ୍କ ସେବା କରିବା ବର୍ତ୍ତମାନ ଜୀବନର ଏକମାତ୍ର ଲକ୍ଷ୍ୟ। ବ୍ରଜରାଜନଗର ନର୍ବାଚନ ମଣ୍ଡଳୀର ୨ଲକ୍ଷ ଭୋଟର ତାଙ୍କ ପରିବାର ବୋଲି ପ୍ରକାଶ କରିଛନ୍ତି। ବିଧାୟିକା ହେବାର ୨ବର୍ଷ ଭିତରେ କିଛି କାମ ହେଇଛି ଓ ଆଗାମୀ ଦିନରେ ଲଖନପୁର ବ୍ଲକ ବିଭାଜନ, କୋଲ କରିଡର, ଏନ୍‌ଏଚ୍ ୪୯କୁ ଚାରିଥାକିଆ, ଲଖନପୁର ଅଞ୍ଚଳରେ ଟ୍ରକ୍ ଟର୍ମିନାଲ, ଅଞ୍ଚଳବାସୀଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଗ୍ରଣୀ କରାଇବା ଆଗାମୀ ଦିନର ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ନଗର ସଭାପତି ରାଧାକାନ୍ତ ପ୍ରଧାନ, ବରିଷ୍ଠ ବିଜେଡି ନେତା ନୃପ ତାଣ୍ଡିଆ, କୁଳମଣି ଦାସ, ଚିନ୍ତାମଣି ଦାସ, ଲଳିତ ତଣ୍ଡି ପ୍ରମୁଖ ଯୋଗଦେଇଥିଲେ।


କାର୍ଯ୍ୟକ୍ରମରେ ବିଧାୟିକାଙ୍କ ସହ ଅନ୍ୟ ନେତା ଓ କର୍ମୀ।

# ବର୍ଜ୍ୟବସ୍ତୁ ପରିଚାଳନା ସଚେତନତା କାର୍ଯ୍ୟକ୍ରମ

କୁତ୍ରା,୨୦।୩(ଦେବାଶିଷ ସାହୁ)

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ତୁନମୁରା ଉଚ୍ଚ ବିଦ୍ୟାଳୟରେ ବର୍ଜ୍ୟବସ୍ତୁ ପରିଚାଳନା ସଚେତନତା କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷକ ଅମରେଶ ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବିଦ୍ୟାଳୟର ଇକୋକ୍ଲବ ଓ ଏନେର୍ଜି କ୍ଲବର ଛାତ୍ରୀଛାତ୍ର ବର୍ଜ୍ୟବସ୍ତୁ ପରିଚାଳନାକୁ ନେଇ ଏକ ଶୋଭାଯାତ୍ରା କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶରତ କୁମାର ପତି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଜାମୁଣ୍ଡା, ମିନା କୁମାରୀ ଜେନା, ଜେଏସଡବ୍ଲ୍ୟୁ ସିଏସଆର୍ ବିଭାଗ ଅଧିକାରୀ ଅଲେଖ ଧଳେଇ, ତୁନମୁରା ସରପଞ୍ଚ ତରୁଣୀସେନ ବରିହା,ଏସପାଏର ବ୍ଲକ ସଂଯୋଜକ ଅଭିରାମ ମାଝି,ରାଜେଶ ସାହୁ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ବର୍ଜ୍ୟବସ୍ତୁ ପରିଚାଳନାର ଆବଶ୍ୟକତା ଆଲୋକପାତ କରିଥିଲେ। ଏନେର୍ଜି କ୍ଲବ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ଶ୍ରୀକାନ୍ତ ବାଗ, ରୀଙ୍କୁ ଭୋଇ,ସୁମିତ୍ରା ବାର୍ଲା,ତୁଷାର ତାଣ୍ଡି, ଉମାଶଙ୍କର ମଲ୍ଲିକ, କିରଣ ଏକ୍କା, ରାମେଶର ଲାକ୍ରା, ମନଭାଙ୍ଗି ନାଏକ, ରୋଶନି ମିଞ୍ଜ, ପୁଲିନ୍ଦ୍ର ଦେହୁରିଆ, ଦ୍ରୋପୋଦି ସାହୁ, ଅଞ୍ଜଳି ତିଗା, ରୋମାଞ୍ଚ ତାଣ୍ଡିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଉପସ୍ଥିତ ଛାତ୍ରୀଛାତ୍ର।

# ସବୁଠି ପଖାଳର ମହକ


ସୁନ୍ଦରଗଡ ରେଭେନ୍ୟୁ କଲୋନୀରେ ଅବସରପ୍ରାପ୍ତ ବରିଷ୍ଠ ନାଗରିକମାନେ ପଖାଳ ଖାଉଛନ୍ତି।

ସୁନ୍ଦରଗଡ,୨୦।୩(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ରେଭେନ୍ୟୁ କଲୋନୀ ସ୍ଥିତ ଅବସରପ୍ରାପ୍ତ ବରିଷ୍ଠ ନାଗରିକ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି। ଓଡ଼ିଆ ଜାତିର ଐତିହ୍ୟ, ଚଳଣି ଓ ପରମ୍ପରାକୁ ମନେ ପକାଇବା ପାଇଁ ସଂଘ କାର୍ଯ୍ୟାଳୟ ପରିସରରେ ସଦସ୍ୟ ମାନେ ଏକାଠି ବସି ପଖାଳ ଖାଇଥିଲେ। ବିଭିନ୍ନ ପଖାଳ ଯଥା- ସୁବାସ ପଖାଳ,ଚୁପୁଡା ପଖାଳ,ପାଣିରେ ପଖାଳ,ଦହିପଖାଳ,ମିଠା ପଖାଳ,ମଲ୍ଲୀଫୁଲ ପଖାଳ,ଟଭା ପଖାଳ,ଘିଅ ପଖାଳ ଆଦି ସଂଘ ପକ୍ଷରୁ ପ୍ରସ୍ତୁତ ହୋଇଥିଲା। ପଖାଳ ସାଙ୍ଗକୁ ବଡିଚୁରା,ଶାଗ, ଆଳୁ ଭର୍ତ୍ତା, ପୋଦିନା ଚଟଣୀ, କାକୁଡି,କଲରା ସାଙ୍ଗକୁ ଚିପସ, ନିମ୍ବଫୁଲ ଭଜା, ସଜନା ଛୁଇଁଭଜା, ଲେମ୍ବୁକାକୁଡି, ଲଙ୍କା ପିଆଜ ଓ ଚୂନି ମାଛ ଚୁଡଚୁଡାଓ ମିଛ ଭଜା ହୋଇଥିଲା। ସେହିପରି କରମଡିହି ଗୋପବନ୍ଧୁ କ୍ଲବ ତରଫରୁ ମଧ ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି। ଏଥିରେ ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥିଭାବେ ଶ୍ମଶାନ ବନ୍ଧୁ ସିଦ୍ଧାନ୍ତ ପଣ୍ଡା, କରମଡିହିର ସରପଞ୍ଚ ସୁସ୍ମିତା କୁଜୁର ଓ ଅବସରପ୍ରାପ୍ତ ହାଇସ୍କୁଲ ଶିକ୍ଷକ ସୁଧାନଶୁ ଶେଖର ଚୌଧୁରୀ ଯୋଗଦେଇ ବିଶ୍ୱ ପଖାଳ ଦିବସର ମହତ୍ତ୍ୱ ଓ ଏହା ଶରୀର ପାଇଁ କେତେ ଉପଯୋଗୀ ତାହା ବୁଝାଇ ଦେଇଥିଲେ। କ୍ଲବ ସଭାପତି ରାକେଶ ଖଣ୍ଡା,ସମ୍ପାଦକ ବାଦଲ ଖଣ୍ଡା,ଦେବାଶିଷ ପ୍ରଧାନ,ପ୍ରତାପ କଛାରିଆ, ଶ୍ରୀମନ୍ତ ନାଏକ,ରଜତ କଟାର,ରୋହିତ ଷଣ୍ଢ, କୁନାଲ ଖଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**କୁତ୍ରା(ଦେବାଶିଷ ସାହୁ):** କୁତ୍ରା ବ୍ଲକ ତୁନମୁରା ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ପଖାଳ ଦିବସ ବୁଧବାର ପାଳିତ ହୋଇଯାଇଛି। ଏହି ପଖାଳ ଦିବସରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶରତ କୁମାର ପତି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଜାମୁଣ୍ଡା,ମିନାକୁମାରି ଜେନା,ପ୍ରଶାନ୍ତ ସାହୁ, ଦେବାଶିଷ ସାହୁ,କାହ୍ନୁଚରଣ ସାହୁ,ଏସପାଏର ବ୍ଲକ ସଂଯୋଜକ ଅଭିରାମ ମାଝି, ରାଜେଶ ସାହୁ, ସରପଞ୍ଚ ତରୁଣୀସେନ ବରିହା, ପ୍ରଧାନ ଶିକ୍ଷକ ଅମରେଶ ସାହୁ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇ ଥିଲେ।

# ବିଶ୍ୱ ଘରଚଟିଆ ଦିବସ ପାଳିତ

ସୁନ୍ଦରଗଡ/ କୁତ୍ରା,୨୦।୩
(ଜୟ ନାରାୟଣ ମେଣ୍ଡୁଲି/ ଦେବାଶିଷ ସାହୁ)

ସୁନ୍ଦରଗଡ ପବ୍ଲିକ ସ୍କୁଲର ଶିକ୍ଷକ ଅଶୋକ କୁମାର ପରିଡା ସବୁ ବର୍ଷ ପରି ଚଳିତ ବର୍ଷ ମଧ ବିଦ୍ୟାଳୟର ପିଲାଙ୍କୁ ନେଇ ବିଶ୍ୱ ଘରଚଟିଆ ଦିବସ ପାଳନ କରିଛନ୍ତି। ଘର ଚଟିଆଙ୍କୁ କିଭଳି ରକ୍ଷା କରାଯାଇପାରିବ ସେ ସମ୍ପର୍କରେ ପିଲାଙ୍କୁ ବୁଝାଇଥିଲେ। ଏହାପରେ ସବୁ ପିଲାଙ୍କୁ ଘର ଚଟିଆ ରହିବା ପାଇଁ ମାଟି ଘର ଦେଇଥିଲେ। ପ୍ରତ୍ୟେକ ନିଜ ନିଜ ଗାଁ ଏବଂ ଆଖପାଖ ସ୍ଥାନରେ ଘରଚଟିଆ ଥିବା ସ୍ଥାନରେ ଏହି ମାଟିର ଘରଗୁଡିକ ଲଗାଇଲେ ଘରଚଟିଆଙ୍କ ବଂଶ ବୃଦ୍ଧି କରାଯାଇ ପାରିବ ବୋଲି ସେ କହିଥିଲେ। ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ପିଲାମାନଙ୍କୁ ସଚେତନ କରାଇବା। ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ଘରଚଟିଆଙ୍କ ବିଲୁପ୍ତର କାରଣ ସମ୍ପର୍କରେ ସୂଚନା ଦେଇ ଶିକ୍ଷକ ପରିଡା କହିଥିଲେ, ବର୍ତ୍ତମାନ ଅତ୍ୟଧିକ କୀଟନାଶକ ବ୍ୟବହାର, ତାପମାତ୍ରା ବୃଦ୍ଧି, ମୋବାଇଲ ଟାୱାର, ପ୍ରଦୂଷିତ ପରିବେଶ ହିଁ ଏହି ଘରଚଟିଆଙ୍କ ମୃତ୍ୟୁର ପ୍ରମୁଖ କାରଣ। ତେଣୁ ଘରଚଟିଆଙ୍କ ରକ୍ଷା କରିବା ଆମ ସମସ୍ତଙ୍କର ମିଳିତ ଉଦ୍ୟମ ହେବା ଆବଶ୍ୟକ ବୋଲି କହିଥିଲେ। ସେହିପରି କୁତ୍ରା ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀଙ୍କ ଅଧକ୍ଷତାରେ ଘର ଚଟିଆ ଦିବସ ବୁଧବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ବକ୍ତାଭାବେ ଇକୋକ୍ଲବ ମାଷ୍ଟରଟ୍ରେନର ବିଭୀଷଣ ବାରିକ ଯୋଗଦେଇ କଂକ୍ରିଟ ଜଙ୍ଗଲରେ ଘର ଖୋଜୁଛି ଘର ଚଟିଆ କହିବା ସହିତ ଏହି ଦୁର୍ଲଭ କ୍ଷୁଦ୍ର ପକ୍ଷୀର ତାତ୍ପର୍ଯ୍ୟ ବୁଝାଇଥିଲେ। ସମସ୍ତ ଛାତ୍ରୀଛାତ୍ର ସମ୍ବେଦନଶୀଳ ହୋଇ ଏହାର ସୁରକ୍ଷା ପାଇଁ କାର୍ଯ୍ୟକରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଧୃତିସୁନ୍ଦର ସାହୁ, ଜସ୍ମିନ ମିଞ୍ଜ ଓ ପ୍ରଧାନ ଶିକ୍ଷକ ସମସ୍ତେ ବିଲୁପ୍ତ ପ୍ରାୟ ଏହି ଘର ଚଟିଆଙ୍କ ସୁରକ୍ଷା ପାଇଁ କାର୍ଯ୍ୟକରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସବୁଜବାହିନୀ ଛାତ୍ର ଫିରୋଜ ନାଗ ଓ ଆନସେଲମା ଚଟିଆକୁ ନେଇ ନିଜର ଅନୁଭୂତି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ଗାଇଡ କମିଶନର ତଥା ଶକ୍ତି ସଂରକ୍ଷଣ ସଂଯୋଜିକା ଦୀପିକା କେରକେଟା ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ସବୁଜବାହିନୀର ୩ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିଲେ।



ଅତିଥିଙ୍କ ଗହଣରେ କୁନି କୁନି ପିଲାମାନେ।

# ୩ ଅଭିଯୁକ୍ତ କୋର୍ଟ ଚାଲାଣ

ଲହୁଣୀପଡା,୨୦।୩(ଦାଶରଥି ପଣ୍ଡା)

କେ. ବଲାଙ୍ଗ ଥାନା ଅନ୍ତର୍ଗତ ଚୋରଧରା ନିକଟସ୍ଥ ଏକ ପୋଲ ତଳୁ ଗତ ୧୪ ତାରିଖରେ ଯତୀନ ଟପ୍ପୋଙ୍କ ମୃତଦେହ ଜବତ ହୋଇଥିଲା। ଏହି ଘଟଣାରେ ପୋଲିସ ୨ ନାବାଳକଙ୍କ ସମେତ ତପନ କୁମାର ପାତ୍ରଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଏହି ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ତପନ ପୋଲିସ ନିକଟରେ ସମସ୍ତ ଘଟଣା ପ୍ରକାଶ କରିଥିଲେ। ପୋଲିସର ସୂଚନା ଅନୁଯାୟୀ, ଲହୁଣୀପଡା ଥାନା ଶସ୍ୟକଳା ପଞ୍ଚାୟତ ବରସୁଆଁ ତଳ ବଜାରରେ ଯତୀନ ଓ ତପନ ରୁହନ୍ତି। ଉଭୟେ ଗାଡି ଚଳାଉଥିଲେ। କିଛିଦିନ ପୂର୍ବେ ଯତୀନ ଓ ତପନଙ୍କ ମଧ୍ୟରେ ପ୍ରବଳ ପାଟିତୁଣ୍ଡ ଓ ଝଗଡା ହୋଇଥିଲା। ତପନ ଏହାର ପ୍ରତିଶୋଧ ନେବାପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। ଯୋଜନା ଅନୁଯାୟୀ, ଗତ ୧୩ ତାରିଖ ରାତି ପ୍ରାୟ ୧୦ ଟାରେ ଯତୀନଙ୍କୁ ରାଇକଲା ଗ୍ରାମକୁ ଡାକିଥିଲେ। ଉଭୟେ କୁରାଢୀ ନାଳ ନିକଟକୁ ଯାଇ ଖିଆପିଆ କରିଥିଲେ। କିଛି ସମୟ ପରେ ଆଉ ୨ ଜଣ ଉକ୍ତ ସ୍ଥାନରେ ପହଞ୍ଚି ଥିଲେ। ୪ ଜଣଙ୍କ ମଧ୍ୟରେ ବଚସା ହୋଇଥିଲା। ୩ଜଣ ଯତୀନଙ୍କୁ ମାରପିଟ କରିବା ସହିତ ତାଙ୍କୁ ତଳେ ପକାଇ ଦେଇଥିଲେ। ତପନ ଏକ ଗାମୁଛାରେ ଯତୀନଙ୍କ ଗଳା ଚିପି ହତ୍ୟା କରିଥିଲେ। ଏହାକୁ ଆତ୍ମହତ୍ୟାର ରୂପ ଦେବାପାଇଁ ରାଇକଲା ଠାରୁ କିଛି ଦୂରରେ ଥିବା ଚୋରଧରା ନିକଟସ୍ଥ ଏକ ପୋଲ ତଳୁ ତାଙ୍କୁ ଫିଙ୍ଗି ଦେଇଥିଲେ। ୧୪ ତାରିଖ ସକାଳୁ ସ୍ଥାନୀୟ ଲୋକେ ମୃତଦେହ ଏବଂ କିଛି ଦୂରରେ ବାଇକ ଥିବା ଦେଖି କେ. ବଲାଙ୍ଗ ପୋଲିସକୁ ସୂଚନା ଦେଇଥିଲେ। କେ. ବଲାଙ୍ଗ ପୋଲିସ ଓ ସାଇଣ୍ଟିଫିକ୍ ଦଳ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଏଥିସହ ଥାନାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଲାଇଥିଲେ।

# ରାଜଗାଙ୍ଗପୁରରେ ବିଶ୍ୱ ମୁଖଗହ୍ୱର ଦିବସ

ରାଜଗାଙ୍ଗପୁର,୨୦।୩(ଅଶୋକ ପାଣି)

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ରାଣିବନ୍ଧଠାରେ ଥିବା ଶାନ୍ତି ଶିଶୁ ଯତ୍ନ ସେବା କେନ୍ଦ୍ରଠାରେ ବିଶ୍ୱ ମୁଖଗହ୍ୱର ଦିବସ ବୁଧବାର ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ସୌମେନ୍ଦ୍ର ଲେଙ୍କା, ଫାର୍ମାସି ଅଫିସର ରଞ୍ଜିତ ବାରିକ, ଉପନଗରପାଳ ମହମ୍ମଦ ଇରଫାନ ପ୍ରମୁଖଙ୍କ ସହ ଅନ୍ୟମାନେ ଶିଶୁ ଯତ୍ନ କେନ୍ଦ୍ରରେ ଉପସ୍ଥିତ ଥିଲେ। ଶିଶୁକେନ୍ଦ୍ରର ଅନ୍ତେବାସୀ ଓ ଶିଶୁଙ୍କ ମୁଖ ଓ ଦନ୍ତ ପରୀକ୍ଷା କରାଯାଇ ଓରାଲ ହାଇଜିନ କିଟ ବଣ୍ଟନ କରାଯାଇଥିଲା। ଡା.ଲେଙ୍କା ମୁଖ ଓ ଦାନ୍ତର ଯତ୍ନ କିପରି ନେବେ ସେ ବିଷୟରେ ଶିଶୁଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମ ଶେଷରେ ଶାନ୍ତିର ଅଧକ୍ଷ ଶରତ ପତି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସୁପରିଟେଣ୍ଡେଣ୍ଟ ଡ. ଜଗଦିଶ ଟପ୍ପୋଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସଫଳଭାବେ ହୋଇଥିବାରୁ ଧନ୍ୟବାଦ ଜ୍ଞାପନ କରିଥିଲେ।

# ସିଭିଲ କୋର୍ଟ କମ୍ପ୍ଲେକ୍ସ ନିର୍ମାଣ ଭିତ୍ତିପ୍ରସ୍ତର ସ୍ଥାପନ



ବୀରମିତ୍ରପୁର ରେ ନୂଆ ସିଭିଲ କୋର୍ଟ କମ୍ପ୍ଲେକ୍ସର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି।

କୁଆଁରମୁଣ୍ଡା,୨୦।୩(ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ ଜିଲା ବୀରମିତ୍ରପୁରଠାରେ ବୁଧବାର ନୂଆ ସିଭିଲ କୋର୍ଟ କମ୍ପ୍ଲେକ୍ସର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଚକ୍ରଧାରି ଶରଣ ସିଂ ଆଭାସୀ ମାଧ୍ୟମରେ ଭିତ୍ତିପ୍ରସ୍ତର ସ୍ଥାପନକୁ ଉଦ୍‌ଘାଟନ କରିଥିଲେ। ଏହି ସମୟରେ ହାଇକୋର୍ଟ ବିଚାରପତି ଡ. ବିଆର୍ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ରାଉରକେଲା ଏଡିଜେ ଭି.ସୁଜାତା, ଜେଏମଏଫସି ଦେବର୍ଷି ଦାସ, ଇଞ୍ଜିନିୟର ଭାଗିରଥି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସୁନ୍ଦରଗଡ଼ ସିପକ ଟାକ୍ରୋ ଦଳଙ୍କ ଭୁବନେଶ୍ୱର ଯାତ୍ରା

ସୁନ୍ଦରଗଡ,୨୦।୩(ଜୟ ନାରାୟଣ ମେଣ୍ଡ)

ସୁନ୍ଦରଗଡ ଜିଲା ସିପକ ଟାକ୍ରୋ ଦଳ ବୁଧବାର ଝାରସୁଗୁଡା ଠାରୁ ଟ୍ରେନ ଯୋଗେ ଭୁବନେଶ୍ୱର ଯାତ୍ରା କରିଛନ୍ତି। ଭୁବନେଶ୍ୱର ସ୍ଥିତ କିସ ଏବଂ କିଟ୍ସ କ୍ୟାମ୍ପସ ପରିସରରେ ୨୩ ତାରିଖ ପର୍ଯ୍ୟନ୍ତ ତାଲିମ ନେବେ। ପରେ ସେହି ଦିନ ରାତି ୯ ଟାରେ ଟ୍ରେନ ଯୋଗେ କର୍ଣ୍ଣାଟକକୁ ଯାତ୍ରା କରିବେ। ସ୍ଥାନୀୟ ଭବାନୀଭବନ ସିପକ ଟାକ୍ରୋ ପରିସରରେ ସମସ୍ତ ଖେଳାଳିଙ୍କୁ ଫୁଲମାଳ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବାରବାଟି ଷ୍ଟାଡିୟମ ପରିସରରେ ମାର୍ଚ୍ଚ ୮ ଓ ୯ ତାରିଖରେ ରାଜ୍ୟ ସ୍ତରୀୟ ସବ୍ ଜୁନିୟର ଓ ଜୁନିୟର ବାଳିକା ବାଳକ ଚୟନ ପ୍ରତିଯୋଗିତା ହୋଇଥିଲା। ସେହି ଚୟନ ପ୍ରତିଯୋଗିତାରେ ଉପ କନିଷ୍ଠ ବାଳକ ବର୍ଗରେ ବି ଏସ ସରକାରୀ ଉଚ୍ଚ ବିଦ୍ୟାଳୟର ଲିପନ ସେଟ, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଲେଡ଼ିମଙ୍ଗର କବିର କିଷାନ ଓ ପ୍ରତୀକ ପଟେଲ, ଉପକନିଷ୍ଠ ବାଳିକା ବର୍ଗରେ ମଞ୍ଜୁଲତା ମହାକୁଲ, ସୁସ୍ମିତା ଖାଖା ଓ ରାକ୍ଷୀ ଭୋଇ, କନିଷ୍ଠ ବାଳିକା ବର୍ଗରେ ଯଶୋଦା ବିଷ୍ଣୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୋଗୀମାଲର ପ୍ରୀତି ଟପ୍ପୋ ଏଂ ସୁନ୍ଦରଗଡ଼ର ମଧୁସ୍ମିତା ଭିତ୍ରିଆ, କନିଷ୍ଠ ବାଳକ ବର୍ଗରେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଲେଡ଼ିମଙ୍ଗର ଦୀପକ କିଷାନ ଯୋଗ୍ୟ ବିବେଚିତ ହୋଇ ଜାତୀୟ ସ୍ତରରେ ଭାଗ ନେବେ। ଚୟନ ହୋଇଥିବା ଖେଳାଳି ଜିଲା କ୍ରୀଡ଼ା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଭବାନୀଭବନ ଷ୍ଟାଡିୟମ ପରିସରରେ ଏବଂ ଜନ ସେବା ସମିତି ଯୋଗୀମାଲ ଠାରେ ପ୍ରତ୍ୟେକ ଦିନ ସୁଦକ୍ଷ କୋଚଙ୍କ ଠାରୁ ତାଲିମ ନେଉଥିଲେ। ପ୍ରାୟ ଖେଳାଳି ଆଦିବାସୀ ଗରିବ ପରିବାରର ଥାଇ ମଧ୍ୟ ତାଙ୍କ ପରିବାର ଆଗକୁ ଖେଳିବା ପାଇଁ ସାହାସ ଦେଉଛନ୍ତି। ଯଦି ରାଜ୍ୟ ସରକାର କିମ୍ବା ଜିଲା ପ୍ରଶାସନ ଏହି ଖେଳାଳିଙ୍କ ପାଇଁ ସାହାଯ୍ୟ ସହଯୋଗ କରନ୍ତି ତେବେ ସମସ୍ତ ବର୍ଗର ଖେଳାଳି ପ୍ରତ୍ୟେକ ବର୍ଷ ଜାତୀୟ ସ୍ତରରେ ପଦକ ହାସଲ କରି ନିଜ ଜିଲା ତଥା ରାଜ୍ୟ ପାଇଁ ଗୌରବ ଆଣିବାରେ ସକ୍ଷମ ହୋଇ ପାରିବେ ବୋଲି ଟ୍ରେନର ଲିପ୍ସା ଷଡଙ୍ଗୀ ମତ ରଖିଛନ୍ତି। ଖେଳାଳିଙ୍କୁ ପୂର୍ବତନ କଂଗ୍ରେସ ଜିଲା ସଭାପତି ବେଣୁ ମାଧବ ତ୍ରିପାଠୀ, କାଉନସିଲର ସୁମନ୍ତ ସାହୁ,ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଲେଡ଼ିମଙ୍ଗ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ସାହୁ ଫୁଲ ମାଳ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସମସ୍ତ ଖେଳାଳିଙ୍କୁ ଆମ ଓଡ଼ିଶା ନବୀନ ଓଡ଼ିଶା ଜିଲା ସଂଯୋଜକ ଯୋଗେଶ କୁମାର ସିଂ, ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ, ଜିଲା କ୍ରୀଡ଼ା ଅଧିକାରୀ ସୁଦୀପ୍ତ ନାଏକ, ବି ଏସ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଆରାଧନା ଭୋଇ, ଅତିରିକ୍ତ ଶାରିରୀକ ଶିକ୍ଷା ନିରୀକ୍ଷକ ଚନ୍ଦ୍ର ଶେଖର ସାହୁ, ସୁନ୍ଦରଗଡ ଜିଲା ଆମେଚର ବକ୍ସିଂ ସଂଘ,ସୁନ୍ଦରଗଡ ଜିଲା ସିପକ ଟାକ୍ରୋ ସଂଘ, ଜନ ସେବା ସମିତି ଯୋଗୀମାଲର ସମସ୍ତ ସଦସ୍ୟ ଶୁଭେଚ୍ଛା ଜଣାଇବା ସହିତ ଉତ୍ତୋରତ୍ତର କାମନା କରିଛନ୍ତି।


ଭୁବନେଶ୍ୱର ଯାତ୍ରା କରିଥିବା ସିପକ ଟାକ୍ରୋ ଦଳ।

# ପୋଲିସ ଗାର୍ଡଙ୍କୁ ଠେଲାପେଲା, ମାଡ଼ ମାରି ୨ ଯୁବକ ଜେଲ ଗଲେ

ନର୍ଲା,୨୦।୩(ସନ୍ତୋଷ ପାତ୍ର)

କଳାହାଣ୍ଡି ଜିଲା ନର୍ଲା ପୋଲିସ ଗାର୍ଡଙ୍କୁ ଠେଲାପେଲା ଓ ମାଡ଼ ମାରିବା ଅଭିଯୋଗରେ ୨ଜଣ ଯୁବକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଉଛି। ଗିରଫ ୨ଯୁବକ ହେଲେ ନର୍ଲା ଥାନା ଅନ୍ତର୍ଗତ ଗୋହିରାପଦର ଗ୍ରାମର ପ୍ରତାପ ସାହୁ (୩୭) ଓ ରୋହିତ ଗୌଡ(୨୭)। ନର୍ଲା ଥାନା ଅନ୍ତର୍ଗତ ଗୋହିରା ପଦର ଗ୍ରାମର ପ୍ରତାପ ଓ ରୋହିତ ସାଙ୍ଗ ହୋଇ ଛତିକୁଡ଼ାସ୍ଥିତ ବିଦେଶୀ ମଦ ଦୋକାନକୁ ଗତ ୧୬ ତାରିଖ ବିଳମ୍ବିତ ରାତିରେ ମଦ ପିଇବା ପାଇଁ ଯାଇଥିଲେ। ମଦ ଦୋକାନ ବନ୍ଦ ଥିବା ଜାଣି କବାଟ ବାଡେଇ ଡାକିଥିଲେ। କୌଣସି କାରଣ ବଶତଃ ଦାୟିତ୍ୱରେ ଥିବା ମ୍ୟାନେଜର ଦୋକାନ ଖୋଲି ନ ଥିବାରୁ ଉତ୍ତ୍ୟକ୍ତ ହୋଇ ୨ଯୁବକ କବାଟଝରକା ଭଙ୍ଗାରୁଜା କରି ଝଗଡା କରିଥିଲେ। ଏ ନେଇ ମ୍ୟାନେଜର ନର୍ଲା ଥାନା ଅଧିକାରୀ ମମତା ପାଣିଗ୍ରାହୀଙ୍କୁ ଖବର ଦେଇଥିଲେ। ଥାନା ପକ୍ଷରୁ ୨ଜଣ ପୋଲିସ ଗାର୍ଡଙ୍କୁ ପଠାଯାଇଥିଲା। ୨ ଗାର୍ଡ ପହଞ୍ଚି ବୁଝାଶୁଝା କରୁଥିବା ବେଳେ ୨ଯୁବକ ପୋଲିସ ଗାର୍ଡଙ୍କୁ ଠେଲାପେଲା କରି ମାଡ଼ ମାରିଥିଲେ।

## ସଂକ୍ଷେପରେ

### ନାମଯଜ୍ଞରେ ବିଧାୟକ

ବରଗଡ଼,୨୦।୩(ପ୍ରେମାନନ୍ଦ ଖମାରୀ): ବରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଟାପାଲି ବାଞ୍ଜିପାଲି ଗ୍ରାମରେ ଅନୁଷ୍ଠିତ ନାମଯଜ୍ଞରେ ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ପ୍ରଭୁଙ୍କ ନାମ ସଂକୀର୍ତ୍ତନରେ ସାମିଲ ହେବା ସହିତ ଆୟୋଜକମାନଙ୍କୁ ସେ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରସରା ପ୍ରାଥମିକ କୃଷି ସମବାୟ ସମିତିର ଅଧ୍ୟକ୍ଷ ଜୟଦେବ ଗଡ଼ତିଆ, ମହୁଲପାଲି ସରପଞ୍ଚ ରବିନ୍ଦ୍ର ଭୋଇ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ।

### ସଙ୍ଗୀତ ଏକାଡେମୀ ସଦସ୍ୟଙ୍କୁ ସମ୍ବର୍ଦ୍ଧନା

ବରଗଡ଼,୨୦।୩(ପ୍ରେମାନନ୍ଦ ଖମାରୀ): ବରଗଡ଼ ପୌର ପରିଷଦ ଅଧିନ ୱାର୍ଡ ନଂ. ୧୮ବାନ୍ଧୁଟିକ୍ରା (ଭିଏସଏସ ନଗର)ରେ ବୁଧବାର ଓଡ଼ିଶା ସଙ୍ଗୀତ ଏକାଡେମୀର ନୂତନ ସଦସ୍ୟ କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ କାଳୀଚରଣ ବାଗଙ୍କୁ ସମଲେଶ୍ୱରୀ ନୂପୁର କଳା ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସମାରୋହରେ ପରିଷଦ ସଭାପତି ଶ୍ରୀକାନ୍ତ ମିଶ୍ର, ଉପସଭାପତି ରବିନ୍ଦ୍ର ବାଗଙ୍କ ସମେତ ଅନ୍ୟ ସଦସ୍ୟ, କଳାକାରବୃନ୍ଦ ଉପସ୍ଥିତ ଥିଲେ। ପଦ୍ମଶ୍ରୀ ବିନୋଦ ପଶାୟତଙ୍କ ରଚିତ, ରବିନ୍ଦ୍ର ବାଗଙ୍କ ନିର୍ଦ୍ଦେଶିତ ନାଟକ ଅଲାର୍‌ର ଶୁଭାରମ୍ଭ କରାଯାଇଥିଲା।

### କାଠଡେରା ଗୁଣ୍ଡିଚା ମନ୍ଦିର ପ୍ରତିଷ୍ଠା ସମ୍ପନ୍ନ

ସରଣ୍ଡା,୨୦।୩(ଯୁଧିଷ୍ଠିର ମହାପାତ୍ର): ଗତ ୧୫ରୁ ୨୦ତାରିଖ ପର୍ଯ୍ୟନ୍ତ ୬ଦିନ ଧରି ଚାଲିଥିବା ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ କାଠଡେରା ଶ୍ରୀଗୁଣ୍ଡିଚା ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ମହୋତ୍ସବର ପୂର୍ଣ୍ଣାହୁତି ବୁଧବାର ହୋଇଛି। ନୂତନ ଗୁଣ୍ଡିଚା ମନ୍ଦିର ନିର୍ମାଣ ଏବଂ ବିଗ୍ରହ ସ୍ଥାପନ ସହିତ ଏହାକୁ ସଂଲଗ୍ନ କରି ରଥଯାତ୍ରା ସମୟରେ ୬ଖଣ୍ଡ ଗ୍ରାମରୁ ଆସୁଥିବା ଜଗନ୍ନାଥଙ୍କ ପାଇଁ ପୃଥକ ଭାବେ ୬ଟି ମାଉସୀ ମାଁ ଗୁଣ୍ଡିଚା ମନ୍ଦିର ନିର୍ମାଣର ମଧ ପ୍ରତିଷ୍ଠା କରାଯାଇଛି । ଏଥିପାଇଁ ୧୫ତାରିଖରେ ଅଙ୍କୁରାରୋପଣ, ୧୬ରେ କଳସଯାତ୍ରା, ୧୭ରେ ପୂଜାରମ୍ଭ, ବାସ୍ତୁପୂଜା, ଯୂପସ୍ନାନ, ଅନ୍ନାଭରଣ, ଅଗ୍ନି ସ୍ଥାପନ, ହୋମ, ୧୮ରେ ମଣ୍ଡପ ଦେବତା ପୂଜା, ବିଗ୍ରହଙ୍କ ମହାସ୍ନାନ, ଗୀତାଯଜ୍ଞ, ଆରତୀ, ପୁଷ୍ପାଞ୍ଜଳି, ୧୯ତାରିଖ ମଣ୍ଡପ ଦେବାଦେବୀଙ୍କ ପୂଜନ, ବିଗ୍ରହମାନଙ୍କ ଫଳ ପୁଷ୍ପାଭିଷେକ, ମନ୍ଦିର ଅଧିବାସ, ସ୍ନାନ, ଚଣ୍ଡିହୋମ ଏବଂ ୨୦ତାରିଖରେ ବିଗ୍ରହ ପ୍ରତିଷ୍ଠା, ଷୋଡ଼ଶ ଉପଚାର ପୂଜା, ବିଷ୍ଣୁ ଓ ଦେବୀଙ୍କ ସହସ୍ର ନାମ ହୋମ, ଧ୍ୱଜ କଳସ ସ୍ଥାପନ, ବିଗ୍ରହ ମନ୍ଦିର ପ୍ରବେଶ ସହ ପୂର୍ଣ୍ଣାହୁତି ହୋଇଥିଲା। ପ୍ରତିଦିନ ଭକ୍ତମାନଙ୍କ ପାଇଁ ଅନ୍ନଭୋଜନ ବ୍ୟବସ୍ଥା କରାଯାଇଥିଲା। ୧୬ ଓ ୧୭ ତାରିଖରେ ଲୋକ ମହୋତ୍ସବ, ମହିଳା ସଂକୀର୍ତ୍ତନ, ୧୮ତାରିଖରେ ପାରାୟଣ, କୃଷ୍ଣଗୁରୁ, ଭଜନ, ୧୯ତାରିଖରେ କୃଷ୍ଣ ଗୁରୁ, ପାରାୟଣ ଏବଂ ୨୦ତାରିଖରେ ସ୍ଥାନୀୟ କୀର୍ତ୍ତନ ଓ ଅର୍କେଷ୍ଟ୍ରା ପରିବେଷଣ ହୋଇଥିଲା। ସେହିପରି ଅଷ୍ଟପ୍ରହର ନାମଯଜ୍ଞର ପୂର୍ଣ୍ଣାହୂତି ମଧ ବୁଧବାର ପଡିଥିଲା। ମନ୍ଦିରରେ ମାଁ ଗୁଣ୍ଡିଚାଙ୍କ ବିଗ୍ରହ ସ୍ଥାପନ କରାଯାଇଥିଲା। ମୁଖ୍ୟ ପୁରୋହିତ ପଣ୍ଡିତ ବାବୁଲାଲ ପାଣ୍ଡିଆଙ୍କ ଏବଂ ମୁଖ୍ୟ କର୍ତ୍ତା ସଞ୍ଜୀବ ପତି ସସ୍ତ୍ରୀକ ଏବଂ ୨୧ଯୋଡ଼ି କର୍ତ୍ତା କାର୍ଯ୍ୟ ସମ୍ପାଦନ କରିଥିଲେ।

# କ୍ଷତିପୂରଣ ମିଳିଲାନି, ଧାରଣାକୁ ଅଣଦେଖା

ବରଗଡ଼,୨୦।୩(ପ୍ରେମାନନ୍ଦ ଖମାରୀ)


ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଚାଷୀମାନେ ଧାରଣା ଦେଇଛନ୍ତି।

- ଅଷ୍ଟମ ଦିନରେ ଚାଷୀଙ୍କ ଧାରଣା
- ବିଭାଗୀୟ ଅଧିକାରୀଙ୍କ ଦେଖାନାହିଁ

ବରଗଡ଼ ଜିଲାରେ ଚାଷ, ଚାଷୀଙ୍କ ସମସ୍ୟା ଅସମାହିତ ହୋଇରହିଛି। ଧାନବିକ୍ରି ସମୟରେ ଚାଷୀଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଠିକ୍‌ଭାବେ ମିଳୁ ନ ଥିବାବେଳେ ପ୍ରାକୃତିକ ବିପର୍ଯ୍ୟୟରେ ଫସଲକ୍ଷତି ହେଲେ ସୁଦ୍ଧା ଚାଷୀଙ୍କୁ ବୀମା କ୍ଷତିପୂରଣ କିମ୍ବା ଇନ୍‌ପୁଟ୍ ସବସିଡ଼ି ସହାୟତା ପ୍ରଦାନ କରାଯାଉନାହିଁ। ଏଭଳି ଅଭିଯୋଗରେ ବୀମା କ୍ଷତିପୂରଣ ଏବଂ ଇନ୍‌ପୁଟ୍ ସବସିଡ଼ି ସହାୟତା ପ୍ରଦାନ ଦାବିରେ ସଂଯୁକ୍ତ କୃଷକ ସଙ୍ଗଠନ ନେତୃତ୍ୱରେ ଚାଷୀମାନେ ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ତେବେ ବୁଧବାର ଧାରଣା ଅଷ୍ଟମ ଦିବସରେ ପହଞ୍ଚିଥିବା ବେଳେ ଦାବି ପୂରଣ ହେବା ତ ଦୂରର କଥା, ଏହି ସମୟରେ ଧାରଣାରତ ଚାଷୀଙ୍କୁ ଭେଟିବା ପାଇଁ କୌଣସି ବିଭାଗୀୟ ଅଧିକାରୀ ସେମାନଙ୍କ ସହିତ ଆଲୋଚନା ସୁଦ୍ଧା କରିନାହାନ୍ତି। ଏହାକୁ ନେଇ ଚାଷୀମହଲରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ତେବେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସଂଯୁକ୍ତ କୃଷକ ସଙ୍ଗଠନର ଚାଷୀନେତା ରମେଶ ମହାପାତ୍ର କହିଛନ୍ତି ।

ପ୍ରକାଶ ଯେ, ଗତ ଖରିଫ ଧାନ ଅମଳବେଳେ ଅଦିନିଆ ଲଗାଣ ବର୍ଷା ହୋଇଥିଲା। ଏଥିରେ ବ୍ୟାପକ ଧାନ ଏବଂ ପରିବା ଫସଲ ମଧ୍ୟ ପ୍ରଭାବିତ ହୋଇଥିଲା। ବିଭାଗୀୟ ଅଧିକାରୀମାନେ କ୍ଷୟକ୍ଷତି ଆକଳନ କରି ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ମାତ୍ର ତଦନୁଯାୟୀ ଚାଷୀଙ୍କୁ ବୀମା କ୍ଷତିପୂରଣ କିମ୍ବା ଇନ୍‌ପୁଟ୍ ସବ୍‌ସିଡ଼ି ମିଳି ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଏ ନେଇ ଚାଷୀ ପ୍ରତିନିଧି, ଜିଲା ପ୍ରଶାସନ ଏବଂ ବୀମା କମ୍ପାନୀ ମଧ୍ୟରେ ତ୍ରିପାକ୍ଷିକ ବୈଠକ ହୋଇଥିଲା । ବୈଠକରେ କ୍ଷତିପୂରଣ ସହାୟତା ପାଇଁ ଚାଷୀଙ୍କୁ ଆଶ୍ୱାସନା ଦିଆଯାଇଥିଲା। ମାତ୍ର ତାହା ପ୍ରତାରଣା ପାଲଟିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି ।

ଚାଷୀଙ୍କ ପ୍ରତି ଏଭଳି ଅଣଦେଖା ପ୍ରତିବାଦରେ ସଂଯୁକ୍ତ କୃଷକ ସଙ୍ଗଠନ ନେତୃତ୍ୱରେ ଚାଷୀମାନେ ଗତ ୧୩ତାରିଖରେ ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ତାଲା ପକାଇବା ସହିତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି । ସବୁଦିନ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଧାରଣା ଚାଲିଛି । ତେବେ ଧାରଣା ପୂର୍ବରୁ କୌଣସି ଅଧିକାରୀ କାର୍ଯ୍ୟାଳୟ ଭିତରକୁ ପ୍ରବେଶ କରିଥିଲେ, ଚାଷୀମାନେ ସେମାନଙ୍କୁ କାର୍ଯ୍ୟାଳୟରୁ ବାହାର କରି ଦେଇ ପୁଣି ତାଲା ପକାଇ ଦେଉଛନ୍ତି। ହକ୍ ଦାବିରେ ଗୋଟିଏ ପଟେ ଚାଷୀ କାମଧନ୍ଦା ଛାଡ଼ି ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିବାବେଳେ ଅନ୍ୟପଟେ ଆନ୍ଦୋଳନ ଯୋଗୁ ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ ଅଫିସ କାର୍ଯ୍ୟ ମଧ୍ୟ ପ୍ରଭାବିତ ହେଉଛି। ଏହାସତ୍ତ୍ୱେ ଚାଷୀଙ୍କ ଏଭଳି ଧାରଣାକୁ ପଦସ୍ଥ ପ୍ରଶାସନିକ ଅଧିକାରୀମାନେ ଅଣଦେଖା କରିବା ଏବଂ ଆଲୋଚନା ପାଇଁ ସେମାନଙ୍କ ପାଖକୁ ନ ପହଞ୍ଚିବା ଚର୍ଚ୍ଚାର ବିଷୟ ହୋଇଛି।

ପ୍ରତିଦିନ ଧାରଣାରେ ଜିଲାର ବିଭିନ୍ନ ବ୍ଲକର ଚାଷୀ ପ୍ରତିନିଧିମାନେ ଧାରଣାରେ ସାମିଲ ହେଉଛନ୍ତି। ବୁଧବାର ଭେଡ଼େନ ବ୍ଲକର ଚାଷୀ ପ୍ରତିନିଧି ସୁଦାମ ପାତ୍ର, ନନ୍ଦିଘୋଷ ମିଶ୍ର, ସୁଧାଂଶୁ ଦୀପ, ପ୍ରକାଶ ପ୍ରଧାନଙ୍କ ସମେତ ଅନେକ ଚାଷୀ ଧାରଣାରେ ସାମିଲ ହୋଇଥିଲେ। ସଂଯୁକ୍ତ କୃଷକ ସଙ୍ଗଠନର ଆବାହକ ଉତ୍ପନ୍ନ କୁମାର ଭୋଇ, ରମେଶ ମହାପାତ୍ର, ସୁରେଶ ନେକାଣ୍ଟି ପ୍ରମୁଖ ଏହାର ନେତୃତ୍ୱ ନେଉଛନ୍ତି। ଗୁରୁବାର ଅତାବିରା ବ୍ଲକର ଚାଷୀ ପ୍ରତିନିଧିମାନେ ଧାରଣାରେ ସାମିଲ ହେବେ ବୋଲି ସୂଚନା ମିଳିଛି।

# ଆର୍ଥିକ ସଂସ୍ଥାଗୁଡ଼ିକ ଦ୍ୱାରା କ୍ଷତିଗ୍ରସ୍ତ ମିଳିତ ମଞ୍ଚର ଜିଲାସ୍ତରୀୟ ବୈଠକ



ଆର୍ଥିକ ସଂସ୍ଥାମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତ ମିଳିତ ମଞ୍ଚ ବୈଠକରେ ଉପସ୍ଥିତ କ୍ଷତିଗ୍ରସ୍ତ ଲୋକେ।

ଦେବଗଡ଼, ୨୦।୩ (ଶଶାଙ୍କଶେଖର ଝାଙ୍କର)

ସ୍ଥାନୀୟ ଝାଡେଶ୍ୱର ମନ୍ଦିର ପରିସରରେ ଆର୍ଥିକ ସଂସ୍ଥାମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତ ମିଳିତ ମଞ୍ଚର ଏକ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆର୍ଥିକ ସଂସ୍ଥାମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତ ମିଳିତ ମଞ୍ଚର ଜିଲା ଆବାହକ ସୋମନାଥ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ କ୍ଷତିଗ୍ରସ୍ତ ଚିଟଫଣ୍ଡ ଜମାକାରୀମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଏହାର ସମାଧାନ ପାଇଁ ସରକାର ଦେଇଥିବା ପ୍ରତିଶ୍ରୁତି ପାଣିର ଗାର ସାଜିଥିବା ଅଭିଯୋଗ କରିବା ସହ ସରକାରଙ୍କ ଭୂମିକାକୁ କଠୋର ସମାଲୋଚନା କରିଥିଲେ। ସେହିପରି ଆଗାମୀ ସାଧାରଣ ନିର୍ବାଚନରେ ଉଭୟ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କୁ ଉଚିତ ଶିକ୍ଷା ଦେବା ଜରୁରୀ ହୋଇପଡିଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିରଞ୍ଚି ନାରାୟଣ ଠାକୁର, ତପନ କୁମାର ସାହୁ, ଭୋଳାନାଥ ବେହେରା, ଲୁକାସ ଧନୱାର, ପିତୃ ଲାକ୍ରା, କିଷାନ ନାୟକ, ଜଗବନ୍ଧୁ ସାହୁ, ଲକ୍ଷ୍ମୀଧର ଖଟୁଆ, ପୂର୍ଣ୍ଣଚନ୍ଦ୍ର ସେଠୀ, ଫକୀର ଗଡତିଆ, ବିଶ୍ୱନାଥ ପ୍ରଧାନ, ଶାଖା ପୂର୍ତ୍ତି ଓ ଦୀନବନ୍ଧୁ ପେଠେଇ ସମେତ ବହୁ କ୍ଷତିଗ୍ରସ୍ତ ଜମାକାରୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।


ଦେବଗଡ଼ଠାରେ ନିଶାନ ପଦଯାତ୍ରାରେ ମାରୱାଡ଼ି ସମ୍ପ୍ରଦାୟର ମହିଳା ସାମିଲ।

# ମାରୱାଡି ସମାଜ ପକ୍ଷରୁ ନିଶାନ ପଦଯାତ୍ରା

ଦେବଗଡ଼, ୨୦।୩(ଶଶାଙ୍କ ଶେଖର ଝାଙ୍କର)

ଫାଲଗୁନ ଏକାଦଶୀ ତିଥିରେ ରାଜସ୍ଥାନ ସ୍ଥିତ ଖାଟୁଧାମର ବାବା ଶ୍ୟାମଙ୍କ ଜନ୍ମଦିନ ଅବସରରେ ଦେବଗଡ଼ଠାରେ ନିଶାନ ପଦଯାତ୍ରା ଅନୁଷ୍ଠିତ ହୋଇଛି। ସ୍ଥାନୀୟ ପୁରୁଣାଗଡସ୍ଥିତ ଜଗନ୍ନାଥ ମନ୍ଦିରରୁ ଦେବଗଡ଼ ମାରୱାଡ଼ି ସମାଜର ମହିଳାଙ୍କ ଦ୍ୱାରା ନିଶାନ ପଦ ଯାତ୍ରା ଶୁଭାରମ୍ଭ ହୋଇଥିଲା। ମହିଳାମାନେ ହାତରେ ଧ୍ୱଜ ଧରି ବାବାଙ୍କ ଭଜନ ଓ ଶ୍ୟାମ ବାବାଙ୍କ ଧ୍ୱନିଦେଇ ନଗର ପରିକ୍ରମା କରି ରାଧାକୃଷ୍ଣ ମନ୍ଦିର ପର୍ଯ୍ୟନ୍ତ ଆସିଥିଲେ। ସେଠାରେ ସମସ୍ତେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିବା ସହିତ ଆଳତି କରିଥିଲେ। ପରେ ଭଜନ ସହିତ ନାଚଗୀତ କରି ଫୁଲର ହୋଲିଖେଳିଥିଲେ। ଶେଷରେ ଯୋଗ ଦେଇଥିବା ଭକ୍ତ ନିଜ ନିଜ ଧ୍ୱଜାକୁ ନେଇ ଘରେ ବାନ୍ଧିଥିଲେ। କାର୍ଯ୍ୟକ୍ରମରେ ଉମା ଗୋଏଲ, ସୁନେନା ଅଗ୍ରୱାଲ, କିରଣ ଅଗ୍ରୱାଲ , ପାଏଲ ମିତଲ, କବିତା ଗୋଏଲ ଓ ସୌରଭ ଗୋଏଲ, ବଜରଙ୍ଗ ଅଗ୍ରୱାଲଙ୍କ ସମେତ ବହୁ ମହିଳା, ପୁରୁଷ ଭକ୍ତ ଯୋଗ ଦେଇଥିଲେ ।

### ଯୁବକଙ୍କୁ ହତ୍ୟା ସନ୍ଦେହ

ବରପାଲି,୨୦।୩(ଚିତ୍ତରଞ୍ଜନ ସାହୁ): ବରଗଡ଼ ଜିଲା ବରପାଲି ଥାନା ବାବୁପାଲି ଗ୍ରାମରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିବା ତାଙ୍କ ସ୍ତ୍ରୀ ଥାନାରେ ଅଭିଯୋଗ କରିଛନ୍ତି। ମୃତକ ହେଲେ ଗମ୍ଭୀର ଭୋସାଗର। ବୁଧବାର ବରପାଲି ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଘଟଣାରେ ପୋଲିସ ଏକ ମାମଲା (ନଂ.୧୦୮/୨୪) ରୁଜୁ କରି ଏଥିରେ ସମ୍ପୃକ୍ତି ସନ୍ଦେହରେ ୨ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି ବୋଲି ଆଇଆଇସି ଜୟରଶ୍ମୀ ସେଠୀ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟାରେ ଗମ୍ଭୀରଙ୍କୁ ଜଣେ ଯୁବକ ଘରୁ ଡାକି ନେଇଥିଲେ। ରାତି ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ବହୁ ଖୋଜାଖୋଜି କରିଥିଲେ। ଶେଷରେ ଟିଙ୍ଗିପାଲି ଘାଟରେ ଗମ୍ଭୀରଙ୍କୁ ଗୁରୁତର ଅବସ୍ଥାରେ ପାଇଥିଲେ। ତୁରନ୍ତ ତାଙ୍କୁ ବରପାଲି ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ବର୍ଷା, ପବନ: ଉଡିଗଲା ଆଜ୍‌ବେଷ୍ଟସ ଛାତ

ଦେବଗଡ଼, ୨୦।୩(ଶଶାଙ୍କ ଶେଖର ଝାଙ୍କର)

କାଳ ବୈଶାଖି ପ୍ରଭାବରେ ଦେଖା ଦେଇଥବା ଅଦିନିଆ ବର୍ଷା ଓ ପବନ ଯୋଗୁ ମଙ୍ଗଳବାର ରାତିରେ ତିଲେଇବଣି ବ୍ଲକ ଟାଇଁସର ଗ୍ରାମପଞ୍ଚାୟତ ସଦର ମହକୁମାର ଡିଲେଶ୍ୱର ମାଟିଆରୀଙ୍କ ଘରର ଆଜବେଷ୍ଟସ ଛାତ ଉଡ଼ିଯାଇଛି। ଏଥିସହ ଘରେ ଥିବା ବାସନକୁସନ ସମେତ ବହୁ ଆସବାବପତ୍ର ଓ ଖାଦ୍ୟ ସାମଗ୍ରୀ ନଷ୍ଟ ହୋଇଥିବା ଜଣାପଡିଛି। ଜିଲା ପ୍ରଶାସନ କ୍ଷୟକ୍ଷତିର ଆକଳନ କରି ଗରିବ ଡିଲେଶ୍ୱରଙ୍କୁ ଆବଶ୍ୟକୀୟ ସହାୟତା ପ୍ରଦାନ କରିବାକୁ ସାଧାରଣରେ ଦାବି ହୋଇଛି ।


ଆଜବେଷ୍ଟସ ଛାତ ଉଡ଼ିଯାଇଛି।

### ମାହେଶ୍ୱରୀ ନର୍ସିଂ କଲେଜରେ ବିଶ୍ୱ ମୁଖ ଗହ୍ୱର ଦିବସ

ବରଗଡ଼,୨୦।୩(ପ୍ରେମାନନ୍ଦ ଖମାରୀ): ବରଗଡ଼ ମାହେଶ୍ୱରୀ ନର୍ସିଂ କଲେଜ ପକ୍ଷରୁ ବୁଧବାର ବିଶ୍ୱ ମୁଖ ଗହ୍ୱର ଦିବସ ପାଳିତ ହୋଇଛି। ଏହି ଅବସରରେ ସ୍ଥାନୀୟ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରହିଥିବା ଜାତୀୟ ସ୍ୱାସ୍ଥ୍ୟ ମିଶନ ସଭାଗୃହରେ ଉକ୍ତ କଲେଜର ନର୍ସିଂ ଛାତ୍ରୀଛାତ୍ର ଏବଂ କର୍ମଚାରୀଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଶ୍ୱ ମୁଖ ଗହ୍ୱର ଦିବସ ଉପରେ ମାହେଶ୍ୱରୀ ନର୍ସିଂ କଲେଜ ଛାତ୍ରୀଛାତ୍ରଙ୍କୁ ନେଇ ସ୍ଲୋଗାନ ରଚନା ପ୍ରତିଯୋଗିତା ହୋଇଥିଲା।

# ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟଙ୍କ ଜୟନ୍ତୀ ପାଳନ

ବରଗଡ଼,୨୦।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ାସ୍ଥିତ ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ ଶିଳ୍ପ ତାଲିମ କେନ୍ଦ୍ରରେ ବୁଧବାର ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟଙ୍କ ୧୨୫ତମ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ଅନୁଷ୍ଠାନର ଅଧ୍ୟକ୍ଷ ସରୋଜ କୁମାର ମାଝୀଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ସଭାରେ ବରଗଡ଼ ସିମେଣ୍ଟ କାରଖାନାର ସିଏସ୍‌ଆର ମୁଖ୍ୟ ପ୍ରଦୀପ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ପଦ୍ମଶ୍ରୀ ସ୍ୱର୍ଗତ ଆଚାର୍ଯ୍ୟ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ନିଜ ଦକ୍ଷତା ବଳରେ ଲକ୍ଷ୍ୟ ପୂରଣରେ ସକ୍ଷମ ହୋଇଥିଲେ ବୋଲି ମୁଖ୍ୟ ଅତିଥି କହିଥିଲେ। ଏହାସହିତ ସମସ୍ତ ଛାତ୍ରୀଛାତ୍ର ନିଜ ଦକ୍ଷତା ଉପଯୋଗ କରି ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ। ଅଧ୍ୟାପକ ବିନୋଦ ବୁଧିଆ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଉକ୍ତ ଅନୁଷ୍ଠାନର ସମସ୍ତ ଛାତ୍ରୀଛାତ୍ର, କର୍ମଚାରୀ ନିକଟସ୍ଥ ପର୍ଁରାପାଟ୍ ମନ୍ଦିରକୁ ଯାଇ ସଡ଼କ ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସାଧୀନ ଥିବା ଅନୁଷ୍ଠାନର ପରିଚାଳନା କମିଟି ଚେୟାରମ୍ୟାନ ପ୍ରସନ୍ନ ଆଚାର୍ଯ୍ୟଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ।

# ଆଶାୟୀ ପ୍ରାର୍ଥୀଙ୍କୁ ପଦବୀ ଦେଇ ଥଇଥାନ

ଦେବଗଡ଼,୨୦।୩(ଶଶାଙ୍କଶେଖର ଝାଙ୍କର)

- ପଦବୀ ଦେଇ ମୁହଁ ବନ୍ଦ କରୁଛି ପାର୍ଟି
- ଗୋଷ୍ଠୀ କନ୍ଦଳକୁ ଏଡ଼ାଇ ଏକାଠି କରିବା ପ୍ରୟାସ
- ନିର୍ବାଚନ ଆଗରୁ ପାର୍ଟି କରୁଛି ସେଟିଂ
- ମେଣ୍ଟ ହେଲେ କଣ କରିବେ କର୍ମୀ

ନିର୍ବାଚନ ତାରିଖ ଘୋଷଣା ହେଲା ପରେ ଦେବଗଡ଼ ଜିଲାର ଏକମାତ୍ର ନିର୍ବାଚନମଣ୍ଡଳୀରେ ଉଷ୍ମତା ବୃଦ୍ଧି ପାଉଛି। ନେତାଠାରୁ ଆରମ୍ଭ କରି ଜନସାଧାରଣ ଭୋଟର ସମସ୍ତେ ଚିନ୍ତାରେ। ଚର୍ଚ୍ଚା ହେଉଛି ମେଣ୍ଟ ହେବ ନା ନାହିଁ। ଯଦି ହେଲା କଣ କରିବେ ନେତା, କର୍ମୀ। କେମିତି ଏକାଠି ହୋଇ ନିର୍ବାଚନ ଲଢିବେ। ଏହିପରି ଅନେକ ଭାବନାରେ ସମସ୍ତେ ଅଛନ୍ତି। ମଜାର କଥା ହେଲା ବିଜେଡି ଓ ଭାଜପାର ବିଧାୟକ ଆଶାୟୀ ପ୍ରାର୍ଥୀଙ୍କୁ କିଛି ଦଳୀୟ ପଦପଦବୀ ଦେଇ ଥଇଥାନ କରାଯାଉଛି। ସୋସିଆଲ ମିଡିଆରେ ବିଭିନ୍ନ ପୋଷ୍ଟକରି ଯୁକ୍ତିତର୍କ କରୁଥିବା ନେତା କର୍ମୀମାନଙ୍କୁ ବର୍ତ୍ତମାନ ଦଳୀୟ ପଦବୀ ଦେଇ ଥଇଥାନ କରି ମୁହଁ ବନ୍ଦ କରି ଦିଆଯାଇଛି ବୋଲି ସବୁଆଡେ ଚର୍ଚ୍ଚା ହେଉଛି। ବର୍ତ୍ତମାନ କଥା ଉଠୁଛି ଯେ, ମୋ ଟିକେଟ ଫାଇନାଲ ବୋଲି କହି ବୁଲୁଥିବା ଆଶାୟୀ ପ୍ରାର୍ଥୀ କଣ କରିବେ। ନିଜ ଟିକେଟ ପାଇଁ ଲବି କରିବେ କି ପାର୍ଟି ଦେଇଥିବା ପଦବୀରେ ରହି ଦାୟିତ୍ୱବହନ କରିବେ ତାହା ଚର୍ଚ୍ଚା ହେଉଛି। ସେମାନେ ଆଉ କିଛି କରିବେ ଏପରି ଅନେକ ଚିନ୍ତାରେ ଆଶାୟୀ ପ୍ରାର୍ଥୀ ରହିଛନ୍ତି। ଏହି ପରିସ୍ଥିତିରେ ଜିଲାରେ ଏକ ଅଲଗା ମଜା ନେଉଛନ୍ତି ଭୋଟର ଓ ଜନସାଧାରଣ। ଏପଟେ ନିଜ ନିଜର ଟିକେଟ ପାଇଁ ଅନ୍ୟ ଆଶାୟୀମାନଙ୍କୁ ପଛରେ ପକାଇ ନିଜର ଟିକେଟ କିପରି ଫାଇନାଲ କରିବେ ଦିନରାତି ରାଜନୀତି, କୂଟନୀତି, ଟଙ୍କା ବଳ ଏପରି ଅନେକ କୌଶଳ ଅବଲମ୍ବନ କରୁଛନ୍ତି। ଆଉ କିଛି ଆଶାୟୀ ଚିନ୍ତାରେ ଥିବା ଜଣାପଡ଼ିଛି। ବର୍ତ୍ତମାନ ସ୍ଥିତିରେ ଆଶାୟୀ କଣ କରିବେ ଠିକ୍ ନିଷ୍ପତ୍ତି ନେଇପାରୁନାହାନ୍ତି। ଯଦି ମେଣ୍ଟ ହୁଏ ତେବେ ଉଭୟ ଦଳର କର୍ମୀ କଣ କରିବେ ତାହା ଦେଖିବାକୁ ବାକି କହିଲା।

# ସରକାରୀ ଓକିଲଙ୍କୁ ନେଇ ବୈଠକ

ବରଗଡ଼,୨୦।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ରହିଥିବା ସମ୍ମିଳନୀ କକ୍ଷରେ ବୁଧବାର ଜିଲାର ସମସ୍ତ ସରକାରୀ ଓକିଲଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ସରକାରୀ ଓକିଲଙ୍କ କେଶ ବାବଦରେ ସମସ୍ତ ସୁବିଧା, ଅସୁବିଧା ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ବରଗଡ଼ ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ, ଡାଇରେକ୍ଟର ଅଫ ପବ୍ଲିକ ପ୍ରୋସିକ୍ୟୁଟର(ଡିପିପି) ଶ୍ୟାମସୁନ୍ଦର ଦାଶ, ପବ୍ଲିକ ପ୍ରୋସିକ୍ୟୁଟର(ପି.ପି) ସଞ୍ଜୟ କୁମାର ପ୍ରଧାନ ଏବଂ ସମସ୍ତ ସରକାରୀ ଓକିଲ ଉପସ୍ଥିତ ଥିଲେ।

# ବରଗଡ଼ରେ ପଖାଳ ଦିବସ


ବରଗଡ଼ ରାଣାପ୍ରତାପ ସ୍କୁଲରେ ପଖାଳ ଦିବସ ପାଳନ କରାଯାଉଛି ।

ବରଗଡ଼/ସରଣ୍ଡା,୨୦।୩ (ପ୍ରେମାନନ୍ଦ ଖମାରୀ/(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ରାଣାପ୍ରତାପ ସ୍କୁଲ ପରିସରରେ ବୁଧବାର ପଖାଳ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପଖାଳ ସଂସ୍କୃତି ଉପରେ କବିତା ପାଠୋତ୍ସବ ହୋଇଥିଲା। କାର୍ଯ୍ୟକ୍ରମରେ କବି ମନୋରଞ୍ଜନ ସାହୁ, ପ୍ରୀତମ ସିଂ, ଡ. ରବି ନାରାୟଣ ସାହୁ, ନୁରାବତୀ ସାହୁ, ଶିକ୍ଷୟିତ୍ରୀ ସୁନୀତା ମିଶ୍ର ପ୍ରମୁଖ ପଖାଳ ଶୀର୍ଷକ କବିତା ପାଠ କରିଥିଲେ। ଏହାସହିତ ପଖାଳ ଦିବସ ପାଳନର ଆଭିମୁଖ୍ୟ ଉପରେ ସେମାନେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ସଙ୍ଗଠନର ପ୍ରତିନିଧି ଭାବେ ଅର୍ଜୁନ ସେଟ, ସଂଘମିତ୍ରା ପଟେଲ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ମୀନା ପଣ୍ଡା, ଲେଖିକା ରାଧାରାଣୀ ପଟ୍ଟନାୟକ, ଡାକ୍ତର ଭୋଇ, ନୀଳିମା ପ୍ରଧାନ, ଦୀପିକା କୁଲୁ, ଜ୍ୟୋତି ବେହେରା ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ସମସ୍ତେ ସାମୂହିକ ଭାବେ ପଖାଳ ଖାଇଥିଲେ ।

ସେହିପରି ବରଗଡ଼ ଜିଲା ଅତାବିରା ବ୍ଲକ ରେଙ୍ଗାଲିକ୍ୟାମ୍ପଠାରେ ଆଞ୍ଚଳିକ ସାହିତ୍ୟ ପରିଷଦ ପକ୍ଷରୁ ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି। ଅତାବିରା ଆଞ୍ଚଳିକ ସାହିତ୍ୟ ପରିଷଦ ସଭାପତି ଦଶରଥ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଶିକ୍ଷକ ସରୋଜ ରଥ ସଭାକୁ ସଂଯୋଜନା କରିଥିଲେ। ଏଥିରେ ଖବରଦାତା ବାଲାଜୀ ବିଭୂରଞ୍ଜନ ଚୌରାସିଆ ମୁଖ୍ୟଅତିଥି, ଚାଷୀ ଉତ୍ପନ୍ନ ଭୋଇ ମୁଖ୍ୟବକ୍ତା, ଓଡ଼ିଶା ରାଜ୍ୟ କୃଷକ ସଂଗଠନ ସଭାପତି ବୀରେନ୍ଦ୍ର କର ସମ୍ମାନିତ ଅତିଥିଭାବେ ଯୋଗଦେଇ ଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସୁବାଷ ପ୍ରଧାନ, ସୁରେନ୍ଦ୍ର କାଠାର, ରାଜେଶ ପ୍ରଧାନ, ନରେନ୍ଦ୍ର ପ୍ରଧାନ, ନରେଶ ପ୍ରଧାନ, ଅଶ୍ୱିନୀ ତ୍ରିପାଠୀ, ସୁରେନ୍ଦ୍ର ସ୍ୱାଇଁ, ସମୀର ପ୍ରଧାନ, କବି କିଶୋର ପାତ୍ର ଓ ସଞ୍ଜୁ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ରେଳ ଷ୍ଟେଶନରୁ ଗଞ୍ଜେଇ ଜବତ

ଟିଟିଲାଗଡ଼,୨୦।୩(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ ରେଳ ଷ୍ଟେଶନରୁ ୧୨ କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ ହୋଇଛି। ଆର୍‌ପିଏଫ୍ ଇନ୍ସପେକ୍ଟର ଧର୍ମେନ୍ଦ୍ର ମିଶ୍ର ଓ ଅବକାରୀ ଏସ୍‌ଆଇ ଆଶିଷ ବେହେରା ପ୍ଲାଟଫର୍ମ ୩ରୁ ଗୋବିନ୍ଦ ନାୟକଙ୍କୁ ଗିରଫ କରିଛନ୍ତି। ସେ ସମତା ଏକ୍ସପ୍ରେସ ଯୋଗେ ଭୋପାଳକୁ ଗଞ୍ଜେଇ ଚୋରା ଚାଲାଣ ଉଦ୍ୟମ କରୁଥିବାବେଳେ ଧରାପଡ଼ିଛନ୍ତି। ସେ ମଦନପୁର ରାମପୁରର ଦରମ୍ଭାର ବୋଲି ଜଣାପଡ଼ିଛି। ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ଇଣ୍ଟରନ୍ୟାଶନାଲ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

ଖଡ଼ିଆଳ,୨୦।୩(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ଅଗ୍ରସେନ ଭବନଠାରେ ହେଲୋ କିଡ୍ସ ଓ ମୁସ୍କାନ ଇଣ୍ଟର ନ୍ୟାଶନାଲ ପବ୍ଲିକ ସ୍କୁଲର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଖଡ଼ିଆଳ ସିଡ଼ିପିଓ ମୀନା କୁମାରୀ ଅଗ୍ରୱାଲ, ଖଡ଼ିଆଳ ଗୋଷ୍ଠୀ ଶିକ୍ଷା ଅଧିକାରୀ କାହ୍ନୁ ଚରଣ ନାଏକ, ଖଡ଼ିଆଳ ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା ଓ ସାମାଜିକ କର୍ମୀ ଦୀନଦୟାଲ ଅଗ୍ରୱାଲ ପ୍ରମୁଖ ମଞ୍ଚାସୀନ ଥିଲେ। ସ୍କୁଲର ଅଧ୍ୟକ୍ଷା ବିଦ୍ଧିଆ ଅଗ୍ରୱାଲ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସ୍କୁଲ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଚାନ୍ଦିଲି ପାହାଡ଼କୁ ଜିଲାପାଳଙ୍କ ପରିଦର୍ଶନ

ଦେଓଗାଁ,୨୦।୩(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗିର ଜିଲା ଦେଓଗାଁ ବ୍ଲକ ଦେଷଣ୍ଡ ପଞ୍ଚାୟତ ଅନ୍ତର୍ଗତ ପର୍ଯ୍ୟଟନସ୍ଥଳୀ ଚାନ୍ଦଲି ପାହାଡକୁ ଜିଲାପାଳ ଗୌରଭ ଶିବାଜୀ ଇସଲୱର ପରିଦର୍ଶନ କରିଛନ୍ତି। ଉକ୍ତ ସ୍ଥଳୀର ଉନ୍ନୟନ କାର୍ଯ୍ୟର ଅଗ୍ରଗତିକୁ ନେଇ ସେ ତଦାରଖ କରି ସମୀକ୍ଷା କରିବା ସହ ଏହାର ଉନ୍ନୟନ ଉପରେ କମିଟି ସଦସ୍ୟ ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଗତ ଦୁଇବର୍ଷ ହେଲା ଏହି ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ଏକ କୋଟି ଟଙ୍କା ଆସି ପଡିରହିଥିବା ବେଳେ ବିଧାୟକ ନରସିଂହ ମିଶ୍ର ଏହାକୁ ନେଇ ବ୍ଲକରେ ସମୀକ୍ଷା ସମୟରେ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହା ପରେ ତତ୍କାଳୀନ ଜିଲାପାଳ ତୁରନ୍ତ ଟେଣ୍ଡର ପ୍ରକ୍ରିୟା କରିବା ପାଇଁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଟେଣ୍ଡର ପ୍ରକ୍ରିୟା ସରିବାର ଇତିମଧ୍ୟରେ ପ୍ରାୟ ତିନିମାସରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ସୁଦ୍ଧା ବିଭାଗ ପକ୍ଷରୁ କାର୍ଯ୍ୟର ବିଳମ୍ବତାକୁ ନେଇ


ଦେଷଣ୍ଡ ନିକଟ ଚାନ୍ଦିଲି ପାହାଡକୁ ଜିଲାପାଳ ପରିଦର୍ଶନ କରୁଛନ୍ତି।

ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହାକୁ ନେଇ ଗତମାସ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି ଶିବିରରେ କାମ ବିଳମ୍ବକୁ ନେଇ ଦେଷଣ୍ଡ ଗ୍ରାମବାସୀ ଲିଖିତଭାବେ ଅଭିଯୋଗ କରିଥିଲେ। ସେ ସମୟରେ ଜିଲାପାଳ ଅନୁପସ୍ଥିତ ଥିବା ବେଳେ ଅତିରିକ୍ତ ଜିଲାପାଳ କାମ ଶୀଘ୍ର କରିବା ଉପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କୁହାଯାଇଥିଲା। ତେବେ ବୁଧବାର ଜିଲାପାଳ ଶିବାଜୀ ଇସଲୱର ଅଚାନକ ଭାବେ ଏହି ପ୍ରକଳ୍ପକୁ ପରିଦର୍ଶନ କରି ଉନ୍ନୟନ କାମର ଅଗ୍ରଗତି ଉପରେ ସ୍ଥାନୀୟ କମିଟି, ବ୍ଲକ ପ୍ରଶାସନ

**୭ ଦିନ ମଧ୍ୟରେ ଉନ୍ନୟନ କାମ ତ୍ୱରାନ୍ୱିତ କରିବାକୁ ତାଗିଦ**

ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ଟେଣ୍ଡର ପାଇଥିବା ଠିକାଦାର କାମ ଆରମ୍ଭ କରି ନ ଥିବାରୁ ଏ ଦିଗରେ କ୍ଷୋଭ ପ୍ରକାଶ କରି ୭ଦିନ ମଧ୍ୟରେ କାମ ଆରମ୍ଭ ନ ହେଲେ ସମ୍ପୃକ୍ତ ଠିକାଦାର ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସ୍ଥାନୀୟ ସହକାରୀ ଯନ୍ତ୍ରୀ ପ୍ରଜ୍ଞାପରମିତା ସାବତଙ୍କୁ ଜିଲାପାଳ ତାଗିଦ କରିଥିବା ଜଣାପଡିଛି। ସ୍ଥାନୀୟ ବ୍ଲକ ପ୍ରଶାସନ ଜିଲାପାଳଙ୍କ ନିର୍ଦ୍ଦେଶକୁ କେତେ ଗୁରୁତ୍ୱ ଦେଉଛି ତାହା ଆଗାମୀ ସମୟ ହିଁ କହିବ। ପରିଦର୍ଶନ ସମୟରେ ଗ୍ରାମ ପଞ୍ଚାୟତ ଅଧିକାରୀ ସେନାପତି ମଙ୍ଗରାଜ, କମିଟି ସଭାପତି ବନମାଳୀ ମେହେର, ସରପଞ୍ଚ ଯଶୋଦା ମେହେର, ପୂର୍ବତନ ସରପଞ୍ଚ ତଥା କମିଟି ସମ୍ପାଦକ ସ୍ୱୟମ୍ବର ମେହେର ତଥା ଚାନ୍ଦିଲିପାହାଡ ପରିଚାଳନା କମିଟି କର୍ମକର୍ତ୍ତା, ଗ୍ରାମବାସୀ ଉପସ୍ଥିତ ଥିଲେ।

# ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଖୁଣ୍ଟ


ବିପଦସଙ୍କୁଳ ବିଦ୍ୟୁତ୍ ଖୁଣ୍ଟ।

ନୂଆପଡ଼ା,୨୦।୩(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅଧୀସ୍ଥ ଗଣ୍ଡାମେର ପଞ୍ଚାୟତ ବାବୁପାଲି ଗାଁରେ ବିଦ୍ୟୁତ୍ ଖୁଣ୍ଟ ବିପଦ ସଙ୍କୁଳ ଅବସ୍ଥାରେ ଥିବା ଅଭିଯୋଗ ହୋଇଛି। ଦୀର୍ଘ ଦିନ ହେବ ବାବୁପାଲି ଟାଣପଡାଠାରେ ଏକ ବିଦ୍ୟୁତ୍ ଖୁଣ୍ଟ ପଡିବା ଅବସ୍ଥାରେ ରହି ତାର ଛିଣ୍ଡି ଝୁଲି ରହିଛି। ସେହି ବିଦ୍ୟୁତ୍ ଖୁଣ୍ଟ ଟାଣପଡାର ରାସ୍ତା କଡରେ ରହିଛି। ସେହି ରାସ୍ତା ଦେଇ ଲୋକେ ଯାତାୟାତ କରୁଛନ୍ତି ଓ ପଡାର ଛୋଟ ଛୋଟ ପିଲାମାନେ ଖେଳାବୁଲା କରନ୍ତି। କେତେବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଅଘଟଣ ଘଟିଯିବ ବୋଲି ପଡାବାସୀ ଅନେକ ଥର ବିଭାଗକୁ ଲିଖିତ ଭାବରେ ଜଣାଇ ଥିଲେ ମଧ୍ୟ କର୍ଣ୍ଣପାତ କରୁନାହାନ୍ତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ବିପଦସଙ୍କୁଳ ବିଦ୍ୟୁତ୍ ଖୁଣ୍ଟ ମରାମତି କରି ଝୁଲି ରହିଥିବା ତାରକୁ ସଂଯୋଗ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ପଲସିପାଣି-ସିଆଲଲଟି ରାସ୍ତା ଶୋଚନୀୟ

ନୂଆପଡ଼ା,୨୦।୩(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅଧୀନ ୩୫୩ ନମ୍ବର ଜାତୀୟ ରାଜପଥଠାରୁ ସିଆଲଲଟିକୁ ସଂଯୋଗ କରିଥିବା ରାସ୍ତା ଶୋଚନୀୟ ହୋଇ ପଡିଥିବା ଅଭିଯୋଗ ହୋଉଛି। ସିଆଲଲଟି ପଞ୍ଚାୟତକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ରାସ୍ତା କରଙ୍ଗାଭଟା ଗାଁ ଟାଣପଡାଠାରେ ସୁନ୍ଦର ନଦୀରେ ନିର୍ମାଣ ହୋଇଥିବା ବ୍ରିଜ ଦୁଇ ପାର୍ଶ୍ୱରେ ମୋରମ ବଦଳରେ ମାଟି ପକାଇ ଦେଇଥିବାରୁ ଅଳ୍ପ ବର୍ଷା ହେଲେ କାଦୁଅ ହୋଇଯାଉଛି। ଫଳରେ ଲୋକେ ଯାତାୟାତ କରିବାରେ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି। ଅଦିନିଆ ବର୍ଷାରେ କାଦୁଅ ହୋଇ ଯାଇଥିବାରୁ ଲୋକେ ଯାତାୟାତ କରି ପାରୁନାହାନ୍ତି।


କାଦୁଅ ହୋଇଥିବା ରାସ୍ତା।

ସେହି ଅଞ୍ଚଳର ଲୋକେ ପଲସିପାଣି ଗାଁ ଛକକୁ ଆସି ବସ ଯୋଗେ ବ୍ଲକ, ଜିଲା କିମ୍ବା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥାନ୍ତି। ରାସ୍ତାରେ କାଦୁଅ ଜମି ରହିଥିବାରୁ ଲୋକେ ତରବୋଡ କିମ୍ବା କୁରୁମପୁରି ଦେଇ ଅଧିକ ୧୦ ରୁ ୧୫ କିଲୋମିଟର ବୁଲି ଯିବାକୁ ପଡୁଛି। କୌଣସି ଚାରି ଚକିଆ ଗାଡି କିମ୍ବା ଆମ୍ବୁଲାନ୍ସ ଯାଇ ପାରୁନାହିଁ। ଆମ୍ବୁଲାନ୍ସ ଯାଇ ପାରୁ ନ ଥିବାରୁ ରୋଗୀମାନେ ହଇରାଣ ହେବା ସହ ଅଧିକ ଖର୍ଚ୍ଚାନ୍ତ ହୋଇ ଡାକ୍ତରଖାନା ଯାଉଛନ୍ତି। ଏ ସବୁକୁ ଦୃଷ୍ଟିରେ ରଖି ରାସ୍ତାର ମାଟି ବଦଳରେ ମୋରମ ଦେଇ ଶୀଘ୍ର ମରାମତି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

### ସାମୂହିକ ବ୍ରତୋପନୟନ

କଣ୍ଟାବାଞ୍ଜି, ୨୦।୩(ଗୁରୁଦୟାଲ ହଂସ)

କଣ୍ଟାବାଞ୍ଜି ଶ୍ରୀମଦ ଭାଗବତ୍ ପାରାୟାଣ ଓ ପ୍ରଚାର ସମିତିଦ୍ୱାରା ବ୍ରାହ୍ମଣ ବାଳକମାନଙ୍କ ସାମୂହିକ ବ୍ରତୋପନୟନ ଦୁଇ ଦିନ ଧରି ସ୍ଥାନୀୟ ଶ୍ରୀରାଧାମାଧବ (ମାତା ମନ୍ଦିର)ଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୧୦ଜଣ ବ୍ରାହ୍ମଣ ବାଳକଙ୍କ ସାମୂହିକ ଭାବେ ଚାରିକର୍ମ ବୈଦିକ ରୀତିନୀତି ଅନୁସାରେ ସମ୍ପନ୍ନ ହୋଇଛି। ସାମୂହିକ ବ୍ରତୋପନୟନ ଅବସରରେ ଗୁରୁବାର ଶ୍ରୀରାଧାମାଧବ ମନ୍ଦିର ପରିସରରେ ସର୍ବସାଧାରଣଙ୍କ ପାଇଁ ଅନ୍ନପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଭାଗବତ୍ ପାରାୟାଣ କମିଟିର ମନବୋଧ ପାଣିଗ୍ରାହୀ, ଜଗନ୍ନାଥଦାଶ ଠାକୁର, ଦେବେନ୍ଦ୍ର କୁମାର ପଣ୍ଡା, ବିଜୟ କୁମାର ମିଶ୍ର, ରମେଶ ପୂଝାହାରୀ, ଜନାର୍ଦ୍ଦନ ଠାକୁର ଉପସ୍ଥିତ ଥିଲେ।

# ହନୁମାନ ମନ୍ଦିର ନୂତନ ପରିଚାଳନା କମିଟି ଗଠନ

ମୁରିବାହାଲ,୨୦।୩(ଶ୍ରୀବସ୍ତ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ଗ୍ରାମରେ ଥିବା ସର୍ବପୁରାତନ ହନୁମାନ ମନ୍ଦିର ନୂତନ ପରିଚାଳନା କମିଟି ଗଠନ ସହ ହନୁମାନ ଜୟନ୍ତୀ ପାଳନ ପାଇଁ ବୁଧବାର ବଜାରପଡା ନିକଟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ହନୁମାନ ମନ୍ଦିର ସର୍ବପୁରାତନ ସଭ୍ୟ ଦୁର୍ଯ୍ୟୋଧନ ବେହେରାଙ୍କର ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଆସନ୍ତା ୧୪ ତାରିଖ ହେବାକୁ ଥିବା ହନୁମାନ ଜୟନ୍ତୀକୁ କିପରି ଯାକଯମକରେ ପାଳିତ ହେବ ସେହି ଉପରେ ବିଷଦଭାବରେ ଆଲୋଚନା କରାଯାଇଥିଲା। ପରେ ସର୍ବସମ୍ମତି କ୍ରମେ ଆସନ୍ତା ୩ ବର୍ଷ ପାଇଁ ସଭାପତି ରୂପେ ଲକ୍ଷ୍ମୀକାନ୍ତ ଧରୁଆ,

**ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ**

ଉପସଭାପତି ଲକ୍ଷ୍ମଣ ମହାରଣା, ଶ୍ୟାମ ସୁନ୍ଦର ଝାଙ୍କର, ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ପୋଢ଼, ଯାଦବ, ସମ୍ପାଦକ ଗୋକୁଳ ରାଉତ, କୋଷାଧ୍ୟକ୍ଷ ପଦ୍ମଲୋଚନ ସାହୁ ଓ ପ୍ରେମା ନନ୍ଦ ମାଝୀ ତଥା ଆବାହକ ରୂପେ ସାର୍ଥିକ ଥାଟି, ସଂସ୍କୃତି ସମ୍ପାଦକ ଭାବରେ ହରି ହାତୀଙ୍କୁ ଚୟନ କରାଯାଇଛି। ସେହିପରି ସଦସ୍ୟ ରୂପେ ୧୨ ଓ ଉପଦେଷ୍ଟା ଭାବରେ ୧୦ ଜଣକୁ ମଧ୍ୟ ନିଯୁକ୍ତି ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମରେ ମୁରିବାହାଲ ଗ୍ରାମର ଜନସାଧାରଣ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଟଙ୍କା ଫେରାଅ, ନ ହେଲେ ୨ ବର୍ଷ ଜେଲ

ବଲାଙ୍ଗୀର,୨୦।୩ (ବୀରେନ୍ଦ୍ର କୁମାର ଝାଙ୍କର)

**ସୁନାଗହଣା କିଣାରେ ଚେକ୍ ହେରଫେର୍ ମାମଲା**

■ବଲାଙ୍ଗୀର ଜେଏମ୍‌ଏଫ୍‌ସି କୋର୍ଟର ଫଇସଲା

ସୁନାଗହଣା କିଣାରେ ଚେକ୍ ହେରଫେର ମାମଲାର ଶୁଣାଣି କରି ବଲାଙ୍ଗୀର ଜେଏମ୍‌ଏଫ୍‌ସି ପ୍ରକାଶ କୁମାର କର ଅଭିଯୁକ୍ତ କ୍ରେତାଙ୍କୁ ଏକ ମାସ ମଧ୍ୟରେ ସୁନାଗହଣା ଦୋକାନୀଙ୍କୁ ସୁଧ ସହ ମୂଳ ଟଙ୍କା ଫେରାଇବାକୁ ନିର୍ଦ୍ଦେଶ ଦେବା ସହ ଏହାର ଖିଲାପ୍ ହେଲେ ଅଭିଯୁକ୍ତ ୨ ବର୍ଷ ଜେଲଦଣ୍ଡ ଭୋଗିବେ ବୋଲି ଦଣ୍ଡାଦେଶ ଶୁଣାଇଛନ୍ତି।

ସୂଚନା ଅନୁଯାୟୀ, ୨୦୨୧ ମସିହା ଜାନୁଆରୀ ୨୨ରେ ବଲାଙ୍ଗୀର ରମାଇ ଟକିଜ୍ ନିକଟ ମେସର୍ସ ପାରାଡାଇଜ୍ ଜୁଏଲର୍ସରୁ ରାଜୀବନଗର ନିବାସୀ ତଥା ଜନସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ବାବୁଲାଲ ମେହେର ୧ ଲକ୍ଷ ୬୪ ହଜାର ୪ ଶହ ଟଙ୍କାର ସୁନାଗହଣା କିଣିଥିଲେ। ତେବେ ସୁନାଗହଣା ବାବଦକୁ ସେ ୫୦ ହଜାର ୪ଶହ ଟଙ୍କା ପ୍ରଦାନ କରି ୬ ମାସ ଭିତରେ ବକେୟା ୧ ଲକ୍ଷ ୧୪ହଜାର ଟଙ୍କା ପ୍ରଦାନ କରିବେ ବୋଲି କହିଥିଲେ। ବାବୁଲାଲଙ୍କ ସହ ବଲାଙ୍ଗୀର ଆହ୍ଲାବାଦ ବ୍ୟାଙ୍କରେ କାମ କରୁଥିବା ତାଙ୍କର ବନ୍ଧୁ ନିର୍ଦ୍ଧାରିତ ସମୟରେ ଚେକ୍ ଆକାରରେ ସମସ୍ତ ଟଙ୍କା ଫେରସ୍ତ କରିବେ ବୋଲି ଜୁଏଲର୍ସର ମାଲିକଙ୍କୁ ପ୍ରତିଶ୍ରୁତି ଦେଇ ସୁନାଗହଣା ନେଇଥିଲେ। ବାବୁଲାଲ ଏବଂ ସମ୍ପୃକ୍ତ ବ୍ୟାଙ୍କ କର୍ମଚାରୀଙ୍କ କଥାକୁ ବିଶ୍ୱାସ କରି ଜୁଏଲର୍ସ ମାଲିକ ସଞ୍ଜୀବ କୁମାର ବରେଇ ସୁନାଗହଣା ଦେବାକୁ ରାଜି ହୋଇଯାଇଥିଲେ। ଜୁଲାଇ ମାସରେ ବାବୁଲାଲ ସୁନାଗହଣା ଦୋକାନକୁ ଯାଇ ୫୭ ହଜାର ଟଙ୍କାର ଦୁଇଟି ଚେକ୍ ପ୍ରଦାନ କରିଥିଲେ। ତେବେ ବ୍ୟାଙ୍କରେ ଡିପୋଜିଟ କଲା ପରେ ସେଇ ଦୁଇ ଚେକ୍ ବାଉନ୍ସ ହୋଇଯାଇଥିଲା। ଏ ବିଷୟରେ ସୁନାଗହଣା ଦୋକାନୀ ବରେଇ କ୍ରେତା ବାବୁଲାଲଙ୍କୁ ଜଣାଇଥିଲେ ମଧ୍ୟ ସେ ଆଉ ଧରାଛୁଆଁ ଦେଇ ନ ଥିଲେ। ଏହା ପରେ ସୁନାଗହଣା ଦୋକାନୀ ଠକାମୀର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ବକେୟା ଟଙ୍କା ଫେରାଇବାକୁ ବାବୁଲାଲଙ୍କୁ ବାରମ୍ବାର ନୋଟିସ ଦେଇ ଅନୁରୋଧ କରିବା ପରେ ମଧ୍ୟ ଟଙ୍କା ନ ଫେରାଇବାରୁ ଶେଷରେ ଅନୋନ୍ୟପାୟ ହୋଇ ସୁନାଗହଣା ଦୋକାନୀ ଅଦାଲତର ଆଶ୍ରୟ ନେଇଥିଲେ। ଜେଏମ୍‌ଏଫ୍‌ସି କୋର୍ଟ ଆଇସିସି କେଶ ନମ୍ବର ୫୦ /୨୦୨୧ ଅନୁସାରେ ସମସ୍ତ ସାକ୍ଷୀ ଓ କାଗଜପତ୍ରକୁ ଭିତ୍ତିକରି ଦଫା ୧୩୮, ନେଗୋସିଏବଲ ଇନଷ୍ଟ୍ରୁମେଣ୍ଟ ଆକ୍ଟରେ ଜେଏମ୍‌ଏଫ୍‌ସି କ୍ରେତା ବାବୁଲାଲ ମେହେରଙ୍କୁ ଏକ ମାସ ଭିତରେ ୯ ପ୍ରତିଶତ ସୁଧ ମିଶାଇ ମୂଳ ବକେୟା ଟଙ୍କା ସହ ୧ ଲକ୍ଷ ୪୯ ହଜାର ୯୧୦ ଟଙ୍କା କ୍ଷତିପୂରଣ ଫେରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶର ଖିଲାପ ହେଲେ ଦୁଇବର୍ଷର ଜେଲ ଦଣ୍ଡାଦେଶ ଭୋଗିବାକୁ ପଡିବ ବୋଲି ଶୁଣାଇଛନ୍ତି। ଜେଏମ୍‌ଏଫ୍‌ସି କୋର୍ଟରେ ଅଭିଯୋଗକାରୀ ସୁନାଗହଣା ଦୋକାନୀଙ୍କ ପକ୍ଷରୁ ଆଡଭୋକେଟ ଚନ୍ଦ୍ରଶେଖର ମିଶ୍ର ମକଦ୍ଦମା ପରିଚାଳନା କରିଥିଲେ।

# ଟିଟିଲାଗଡ଼ରେ ବିଜେଡିର ମିଶ୍ରଣ ପର୍ବ


ମନ୍ତ୍ରୀଙ୍କ ସହିତ ବିଜେଡ଼ିରେ ଯୋଗଦେଇଥିବା କର୍ମୀ।

ଟିଟିଲାଗଡ଼, ୨୦।୩(ଶରତ ମିଶ୍ର)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନହିତକର କାର୍ଯ୍ୟକ୍ରମରେ ଅନୁପ୍ରାଣିତ ହୋଇ ମନ୍ତ୍ରୀ ଟୁକୁନି ସାହୁଙ୍କ ବାସଭବନରେ (ବିଜେଡି) ବିଜୁ ଜନତା ଦଳରେ ଯୋଗଦାନ କରିଛନ୍ତି ଟିଟିଲାଗଡ଼ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଯାଦବ ନେତା ପିତାମ୍ବର ବଗର୍ତ୍ତୀଙ୍କ ସୁପୁତ୍ର ଜୟନ୍ତ ବଗର୍ତ୍ତୀ ଓ ରାଧା ବଗର୍ତ୍ତୀ। ସିହିନୀ ଗ୍ରାମ ପଞ୍ଚାୟତର ନିଜ ସହଯୋଗୀଙ୍କ ସହିତ ଭାରତୀୟ ଜନତା ପାର୍ଟି ଛାଡି ବିଜୁ ଜନତା ଦଳରେରେ ସାମିଲ ହୋଇଛନ୍ତି। ତାଙ୍କର ଯୋଗଦାନ ବିଜେଡ଼ିର ଶକ୍ତିବୃଦ୍ଧି କରିବ ବୋଲି କୁହାଯାଉଛି।

# ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ନିର୍ମାଣରେ ବିଳମ୍ବ

ଲାଠୋର,୨୦।୩(ଭୁବନେଶ୍ୱର ବାରିକ)

ବଲାଙ୍ଗିର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ସଦର ଗ୍ରାମର ବିଦ୍ୟୁତ୍ ଗ୍ରୀଡ଼ ନିକଟରେ ଲକ୍ଷାଧିକ ଟଙ୍କା ବ୍ୟୟରେ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ନିର୍ମାଣ ହେଉଛି। ହେଲେ ଏହି ବର୍ଯ୍ୟବସ୍ତୁ ପରିଚାଳନା କେନ୍ଦ୍ର ନିର୍ମାଣରେ ବିଳମ୍ବ ହେଉଥିବା ନେଇ ଅଭିଯୋଗ ହୋଇ ଆସୁଛି। ଏଥିପ୍ରତି କେହି ନଜର ଦେଉ ନ ଥିବା ଅଭିଯୋଗ ହେଉଛି। ଖପ୍ରାଖୋଲ ପଞ୍ଚାୟତ ସମିତି ପକ୍ଷରୁ ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ଜରିଆରେ ଲାଠୋର ବିଦ୍ୟୁତ୍ ଗ୍ରୀଡ଼ ନିକଟରେ ୯ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ଗତ ୨୦୨୨-୨୩ ମସିହାରେ ଏକ ବର୍ଯ୍ୟବସ୍ତୁ ପରିଚାଳନା କେନ୍ଦ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ହେଲେ ଅଦ୍ୟାବଧି କାର୍ଯ୍ୟଟି ସମ୍ପୂର୍ଣ୍ଣ ହୋଇପାରି ନାହିଁ। ବର୍ତ୍ତମାନ ଯାଏ କାନ୍ଥ ନିର୍ମାଣ କରି ତା ଉପରକୁ ଲୁହା ଏଙ୍ଗଲ ଦେବା ପର୍ଯ୍ୟନ୍ତ କାର୍ଯ୍ୟ ହୋଇଛି। ନିର୍ମାଣ କାର୍ଯ୍ୟ କେବେ ସମ୍ପୂର୍ଣ୍ଣ ହେବ ଏବଂ କାର୍ଯ୍ୟକ୍ଷମ କରାଯିବ ସେନେଇ ଗ୍ରାମବାସୀ ଶଙ୍କାରେ ରହିଛନ୍ତି। କେନ୍ଦ୍ରରେ ସନ୍ଧ୍ୟା ହେଲା ମାତ୍ରେ ଅସାମାଜିକ ଲୋକ ସେଠାରେ ଭିଡ଼ ଜମାଇ ଅସାମାଜିକ କାର୍ଯ୍ୟକଳାପ ସହ ମଦ ମାଂସ ଭୋଜି ଭାତ କରି ଚାଲିଛନ୍ତି। ଏନେଇ ଖପ୍ରାଖୋଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିବେକାନନ୍ଦ ଷଡ଼ଙ୍ଗୀଙ୍କୁ ପଚାରିବାରେ ଘଟଣା ବିଷୟରେ ତଦନ୍ତ କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ତେବେ ଯଥାଶିଘ୍ର କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ସାଧାରଣରେ ଦାବି ହେଉଛି।


ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ିଛି ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର।

# ନେତୃତ୍ୱ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଲୋଇସିଂହା,୨୦।୩(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ପଞ୍ଚାୟତ ସମିତି ରୋତ ମହାବିଦ୍ୟାଳୟରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ବ୍ୟୁରୋ ଦ୍ୱାରା ପ୍ରାୟୋଜିତ ତିନି ଦିନିଆ 'ନେତୃତ୍ୱ ପ୍ରଶିକ୍ଷଣ ଶିବିର' ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ସନ୍ତୋଷ କୁମାର ରଥ ଅଧ୍ୟକ୍ଷତା କରିଥିଲେ। ବଲାଙ୍ଗୀର ଜାତୀୟ ସେବା ଯୋଜନାର ସଂଯୋଜିକା ଡକ୍ଟର ପ୍ରିୟଙ୍କା ଚକ୍ରବର୍ତ୍ତୀ ମୁଖ୍ୟ ଅତିଥି, ପଥର ଚେପା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ କ୍ଷମାନିଧି ଝାଙ୍କର ମୁଖ୍ୟବକ୍ତା ଭାବରେ ଯୋଗଦାନ କରି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଙ୍ଗୀତ, ନୃତ୍ୟ, ବକ୍ତୃତା, ପ୍ରବନ୍ଧ ଲିଖନ, କମେଡି ଓ ରଙ୍ଗୋଲି ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଦୈତାରୀ ଶବର, ସହ



ନେତୃତ୍ୱ ପ୍ରଶିକ୍ଷଣ ଶିବିରରେ ମଞ୍ଚାସୀନ ଅତିଥି।

**ରୋତ ମହାବିଦ୍ୟାଳୟ**

ଅଧିକାରୀ ଡକ୍ଟର ରଶ୍ମୀଲତା ମହାନନ୍ଦ, ଅଧ୍ୟାପକ ଆର୍ଯ୍ୟେନ୍ଦୁ ମେହେର, ଡକ୍ଟର ଭୂରିଶ୍ରବା ମାଝି, ଡକ୍ଟର ଲିଙ୍ଗରାଜ ମେହେର, ଶାନ୍ତନୁ ପାଢ଼ୀ, ବାମଦେବ ମେହେର, ନରେଶ ପଟେଲ, ସୁମିତ ପଟେଲଙ୍କ ସମେତ ଅନ୍ୟାନ୍ୟ ଅଧ୍ୟାପକ, କର୍ମଚାରୀ ଓ ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ର ସହଯୋଗ କରିଥିଲେ। ଉଦ୍‌ଘାଟନ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ସନ୍ତୋଷ କୁମାର ରଥ ଅଧ୍ୟକ୍ଷତା କରିଥିଲେ। ଏଥିରେ କଳାହାଣ୍ଡିର ଏଭରେଷ୍ଟ ଶୃଙ୍ଗ ଆରୋହୀ ଯୋଗବ୍ୟାସ ଭୋଇ ମୁଖ୍ୟ ଅତିଥି, ମହାବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି କାହ୍ନୁଚରଣ ଦର୍ଜି ମୁଖ୍ୟବକ୍ତା, ସମ୍ବଲପୁର ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନାର ସଂଯୋଜକ ପ୍ରଫେସର ସୁମନ୍ତ କେରକେଟା ଓ ବଲାଙ୍ଗିର ଜିଲାର ସଂଯୋଜକ ଡକ୍ଟର ଅଜିତ କୁମାର ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରି ପତାକା ଉତ୍ତୋଳନ ପୂର୍ବକ ଶିବିର ଉଦ୍‌ଘାଟନ କରିଥିଲେ। ଏହି ଶିବିରର ବିଭିନ୍ନ ପର୍ଯ୍ୟାୟରେ ଛାତ୍ରୀଛାତ୍ରଙ୍କ ନେତୃତ୍ୱ ବୃଦ୍ଧି ସମ୍ପର୍କରେ ଯୋଗବ୍ୟାସ ଭୋଇ, କାହ୍ନୁଚରଣ ଦର୍ଜି, ଅଜିତ କୁମାର ଭୋଇ, ଲୋଇସିଂହାର ଯୋଗ ପ୍ରଶିକ୍ଷକ ଜ୍ୟୋତିପ୍ରକାଶ ସାହୁ, ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଆଇନଜୀବୀ ସାର୍ଥକ କୁମାର ରଥ, ଆହ୍ଲାବାଦ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରାଧ୍ୟାପକ ଡକ୍ଟର ପ୍ରମୋଦ କୁମାର ବାଗ, ଆଗଲପୁର ଅଗ୍ନିଶମ ଅଧିକାରୀ ଲକ୍ଷ୍ମଣ ପଧାନ ଓ ସାଥି, ଅଧ୍ୟାପକ ନୀଳାମ୍ବର ବାରିକ ପ୍ରମୁଖ ବିଭିନ୍ନ ଶୀର୍ଷକ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ।

## ସଂକ୍ଷେପରେ

### ରେଳ ଷ୍ଟେଶନରୁ ଗଞ୍ଜେଇ ଜବତ

ଟିଟିଲାଗଡ଼,୨୦।୩(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ ରେଳ ଷ୍ଟେଶନରୁ ୧୨ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ ହୋଇଛି। ଆର୍‌ପିଏଫ୍ ଇନ୍ସପେକ୍ଟର ଧର୍ମେନ୍ଦ୍ର ମିଶ୍ର ଓ ଅବକାରୀ ଏସ୍‌ଆଇ ଆଶିଷ ବେହେରା ପ୍ଲାଟଫର୍ମ ୩ରୁ ଗୋବିନ୍ଦ ନାୟକଙ୍କୁ ଗିରଫ କରିଛନ୍ତି। ସେ ସମତା ଏକ୍ସପ୍ରେସ ଯୋଗେ ଭୋପାଳକୁ ଗଞ୍ଜେଇ ଚୋରା ଚାଲାଣ ଉଦ୍ୟମ କରୁଥିବାବେଳେ ଧରାପଡ଼ିଛନ୍ତି। ସେ ମଦନପୁର ରାମପୁରର ଦରମ୍ବାର ବୋଲି ଜଣାପଡ଼ିଛି। ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ଇଣ୍ଟରନ୍ୟାଶନାଲ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

ଖଡ଼ିଆଳ,୨୦।୩(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ଅଗ୍ରସେନ ଭବନଠାରେ ହେଲୋ କିଡ୍ସ ଓ ମୁସ୍କାନ ଇଣ୍ଟର ନ୍ୟାଶନାଲ ପବ୍ଲିକ ସ୍କୁଲର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଖଡ଼ିଆଳ ସିଡ଼ିପିଓ ମୀନା କୁମାରୀ ଅଗ୍ରୱାଲ, ଖଡ଼ିଆଳ ଗୋଷ୍ଠୀ ଶିକ୍ଷା ଅଧିକାରୀ କାହ୍ନୁ ଚରଣ ନାଏକ, ଖଡ଼ିଆଳ ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା ଓ ସାମାଜିକ କର୍ମୀ ଦୀନଦୟାଲ ଅଗ୍ରୱାଲ ପ୍ରମୁଖ ମଞ୍ଚାସୀନ ଥିଲେ। ସ୍କୁଲର ଅଧ୍ୟକ୍ଷା ବିଦ୍ଦିଆ ଅଗ୍ରୱାଲ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସ୍କୁଲ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଚାନ୍ଦିଲି ପାହାଡ଼କୁ ଜିଲାପାଳଙ୍କ ପରିଦର୍ଶନ

ଦେଓଗାଁ,୨୦।୩(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗିର ଜିଲା ଦେଓଗାଁ ବ୍ଲକ ଦେଷଣ୍ଡ ପଞ୍ଚାୟତ ଅନ୍ତର୍ଗତ ପର୍ଯ୍ୟଟନସ୍ଥଳୀ ଚାନ୍ଦଲି ପାହାଡକୁ ଜିଲାପାଳ ଗୌରଭ ଶିବାଜୀ ଇସଲୱର ପରିଦର୍ଶନ କରିଛନ୍ତି। ଉକ୍ତ ସ୍ଥଳୀର ଉନ୍ନୟନ କାର୍ଯ୍ୟର ଅଗ୍ରଗତିକୁ ନେଇ ସେ ତଦାରଖ କରି ସମୀକ୍ଷା କରିବା ସହ ଏହାର ଉନ୍ନୟନ ଉପରେ କମିଟି ସଦସ୍ୟ ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଗତ ଦୁଇବର୍ଷ ହେଲା ଏହି ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ଏକ କୋଟି ଟଙ୍କା ଆସି ପଡିରହିଥିବା ବେଳେ ବିଧାୟକ ନରସିଂହ ମିଶ୍ର ଏହାକୁ ନେଇ ବ୍ଲକରେ ସମୀକ୍ଷା ସମୟରେ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହା ପରେ ତତ୍କାଳୀନ ଜିଲାପାଳ ତୁରନ୍ତ ଟେଣ୍ଡର ପ୍ରକ୍ରିୟା କରିବା ପାଇଁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଟେଣ୍ଡର ପ୍ରକ୍ରିୟା ସରିବାର ଇତିମଧ୍ୟରେ ପ୍ରାୟ ତିନିମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ସୁଦ୍ଧା ବିଭାଗ ପକ୍ଷରୁ କାର୍ଯ୍ୟର ବିଳମ୍ବତାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହାକୁ ନେଇ ଗତମାସ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି ଶିବିରରେ କାମ ବିଳମ୍ବକୁ ନେଇ ଦେଷଣ୍ଡ ଗ୍ରାମବାସୀ ଲିଖିତଭାବେ ଅଭିଯୋଗ କରିଥିଲେ। ସେ ସମୟରେ ଜିଲାପାଳ ଅନୁପସ୍ଥିତ ଥିବା ବେଳେ ଅତିରିକ୍ତ ଜିଲାପାଳ କାମ ଶୀଘ୍ର କରିବା ଉପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କୁହାଯାଇଥିଲା। ତେବେ ବୁଧବାର ଜିଲାପାଳ ଶିବାଜୀ ଇସଲୱର ଅଚାନକ ଭାବେ ଏହି ପ୍ରକଳ୍ପକୁ ପରିଦର୍ଶନ କରି ଉନ୍ନୟନ କାମର ଅଗ୍ରଗତି ଉପରେ ସ୍ଥାନୀୟ କମିଟି, ବ୍ଲକ ପ୍ରଶାସନ ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ।



ଦେଷଣ୍ଡ ନିକଟ ଚାନ୍ଦିଲି ପାହାଡକୁ ଜିଲାପାଳ ପରିଦର୍ଶନ କରୁଛନ୍ତି।

**୭ ଦିନ ମଧ୍ୟରେ ଉନ୍ନୟନ କାମ ତ୍ୱରାନ୍ୱିତ କରିବାକୁ ତାଗିଦ**

ବର୍ତ୍ତମାନ ପର୍ଯ୍ୟନ୍ତ ଟେଣ୍ଡର ପାଇଥିବା ଠିକାଦାର କାମ ଆରମ୍ଭ କରି ନ ଥିବାରୁ ଏ ଦିଗରେ କ୍ଷୋଭ ପ୍ରକାଶ କରି ୭ଦିନ ମଧ୍ୟରେ କାମ ଆରମ୍ଭ ନ ହେଲେ ସମ୍ପୃକ୍ତ ଠିକାଦାର ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସ୍ଥାନୀୟ ସହକାରୀ ଯନ୍ତ୍ରୀ ପ୍ରଜ୍ଞାପରମିତା ସାବତଙ୍କୁ ଜିଲାପାଳ ତାଗିଦ କରିଥିବା ଜଣାପଡିଛି। ସ୍ଥାନୀୟ ବ୍ଲକ ପ୍ରଶାସନ ଜିଲାପାଳଙ୍କ ନିର୍ଦ୍ଦେଶକୁ କେତେ ଗୁରୁତ୍ୱ ଦେଉଛି ତାହା ଆଗାମୀ ସମୟ ହିଁ କହିବ। ପରିଦର୍ଶନ ସମୟରେ ଗ୍ରାମ ପଞ୍ଚାୟତ ଅଧିକାରୀ ସେନାପତି ମଙ୍ଗରାଜ, କମିଟି ସଭାପତି ବନମାଳୀ ମେହେର, ସରପଞ୍ଚ ଯଶୋଦା ମେହେର, ପୂର୍ବତନ ସରପଞ୍ଚ ତଥା କମିଟି ସମ୍ପାଦକ ସ୍ୱୟମ୍ବର ମେହେର ତଥା ଚାନ୍ଦିଲିପାହାଡ ପରିଚାଳନା କମିଟି କର୍ମକର୍ତ୍ତା, ଗ୍ରାମବାସୀ ଉପସ୍ଥିତ ଥିଲେ।

## ବୌଦ୍ଧ ଶ୍ରୀଜଗନ୍ନାଥ ମନ୍ଦିରରେ ପଖାଳ ଭୋଗ ଲାଗି ହେଲା



ବୌଦ୍ଧ ଜଗନ୍ନାଥ ମନ୍ଦିରରେ ଲୋକେ ଠାକୁରଙ୍କ ପ୍ରସାଦ ଖାଉଛନ୍ତି।

ବୌଦ୍ଧ,୨୦।୩(ଅଜିତ କୁମାର ବାରିକ)

ମାର୍ଚ୍ଚ ୨୦ ତାରିଖ ବିଶ୍ୱ ପଖାଳ ଦିବସ ଭାବେ ପାଳନ କରାଯାଉଛି । ଏନେଇ ବୌଦ୍ଧ ଶ୍ରୀଜଗନ୍ନାଥ ମନ୍ଦିରରେ ଜିଲା ବ୍ରାହ୍ମଣ ସମାଜ ଓ ଶ୍ରୀ ଜଗନ୍ନାଥ ଚେତନା ସେବା ସମିତି ପକ୍ଷରୁ ଦହି ପଖାଳ ଭୋଗ ଲାଗି କରାଯାଇଥିଲା। ପୂଜକ ବିଭୁଦତ୍ତ ପଣ୍ଡା, ପ୍ରିୟବ୍ରତ ପଣ୍ଡାଙ୍କ ଦ୍ୱାରା ଆଟିକାରେ ଦହି ପଖାଳ ଓ ବିଭିନ୍ନ ଖାଦ୍ୟ ଠାକୁରଙ୍କ ନିକଟରେ ଭୋଟ ଲାଗି କରାଯାଇଥିଲା। ପ୍ରସାଦ ଭୋଗ ଲାଗି ହେବା ପରେ ଭକ୍ତଙ୍କୁ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଓଡିଶା ବ୍ରାହ୍ମଣ ମହାସଂଘର କାର୍ଯ୍ୟକାରୀ ସମ୍ପାଦକ ରାମପ୍ରସାଦ ଦାସ, ଜିଲା ସଭାପତି ଗୁରୁପ୍ରସାଦ ଦାସ, ସମ୍ପାଦକ ଦେବାଶିଷ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ।

# ପଲସିପାଣି-ସିଆଲଲଟି ରାସ୍ତା ଶୋଚନୀୟ

ନୂଆପଡ଼ା,୨୦।୩(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅଧୀନ ୩୫୩ ନମ୍ବର ଜାତୀୟ ରାଜପଥଠାରୁ ସିଆଲଲଟିକୁ ସଂଯୋଗ କରିଥିବା ରାସ୍ତା ଶୋଚନୀୟ ହୋଇ ପଡିଥିବା ଅଭିଯୋଗ ହୋଉଛି। ସିଆଲଲଟି ପଞ୍ଚାୟତକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ରାସ୍ତା କରଙ୍ଗାଭଟା ଗାଁ ଟାଣପଡାଠାରେ ସୁନ୍ଦର ନଦୀରେ ନିର୍ମାଣ ହୋଇଥିବା ବ୍ରିଜ ଦୁଇ ପାର୍ଶ୍ୱରେ ମୋରମ ବଦଳରେ ମାଟି ପକାଇ ଦେଇଥିବାରୁ ଅଳ୍ପ ବର୍ଷା ହେଲେ କାଦୁଅ ହୋଇଯାଉଛି। ଫଳରେ ଲୋକେ ଯାତାୟାତ କରିବାରେ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି। ଅଦିନିଆ ବର୍ଷାରେ କାଦୁଅ ହୋଇ ଯାଇଥିବାରୁ ଲୋକେ ଯାତାୟାତ କରି ପାରୁନାହାନ୍ତି। ସେହି ଅଞ୍ଚଳର ଲୋକେ ପଲସିପାଣି ଗାଁ ଛକକୁ ଆସି ବସ ଯୋଗେ ବ୍ଲକ, ଜିଲା କିମ୍ବା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥାନ୍ତି। ରାସ୍ତାରେ କାଦୁଅ ଜମି ରହିଥିବାରୁ ଲୋକେ ତରବୋଡ କିମ୍ବା କୁରୁମପୁରି ଦେଇ ଅଧିକ ୧୦ ରୁ ୧୫ କିଲୋମିଟର ବୁଲି ଯିବାକୁ ପଡୁଛି। କୌଣସି ଚାରି ଚକିଆ ଗାଡି କିମ୍ବା ଆମ୍ବୁଲାନ୍ସ ଯାଇ ପାରୁନାହିଁ। ଆମ୍ବୁଲାନ୍ସ ଯାଇ ପାରୁ ନ ଥିବାରୁ ରୋଗୀମାନେ ହଇରାଣ ହେବା ସହ ଅଧିକ ଖର୍ଚ୍ଚାନ୍ତ ହୋଇ ଡାକ୍ତରଖାନା ଯାଉଛନ୍ତି। ଏ ସବୁକୁ ଦୃଷ୍ଟିରେ ରଖି ରାସ୍ତାର ମାଟି ବଦଳରେ ମୋରମ ଦେଇ ଶୀଘ୍ର ମରାମତି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



କାଦୁଅ ହୋଇଥିବା ରାସ୍ତା।

## ବୋଲେରୋ ଧକ୍କାରେ ଯୁବକ ମୃତ

ଉଲୁଣ୍ଡା,୨୦। ୩(ଉରୁକ୍ରମ ପାଣ୍ଡିଆ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ଅନ୍ତର୍ଗତ ବ୍ରାହ୍ମଣୀପାଲି ନିକଟରେ ବୁଧବାର ଏକ ବୋଲେରୋ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୁରେନ୍ଦ୍ର ବିଶ୍ୱାଲ(୨୫)। ପ୍ରକାଶ ଯେ, ମଧ୍ୟାହ୍ନ ସମୟରେ ସୁରେନ୍ଦ୍ର ବାଇକ୍ ଯୋଗେ ଅଇଁଲାଛାଟକୁ ଆସୁଥିଲେ। ଏହି ସମୟରେ ସୁଲିଆ ପଟକୁ ଯାଉଥିବା ଏକ ବୋଲେରୋ ବାଇକ୍‌କୁ ଧକ୍କା ଦେଇ ଫେରାର ମାରିଥିଲା। ଫଳରେ ଯୁବକ ଜଣକ ଛିଟିକି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଉଲୁଣ୍ଡା ଓ ପରେ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୁରେନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ହନୁମାନ ମନ୍ଦିର ନୂତନ ପରିଚାଳନା କମିଟି ଗଠନ

ମୁରିବାହାଲ,୨୦।୩(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ଗ୍ରାମରେ ଥିବା ସର୍ବପୁରାତନ ହନୁମାନ ମନ୍ଦିର ନୂତନ ପରିଚାଳନା କମିଟି ଗଠନ ସହ ହନୁମାନ ଜୟନ୍ତୀ ପାଳନ ପାଇଁ ବୁଧବାର ବଜାରପଡା ନିକଟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ହନୁମାନ ମନ୍ଦିର ସର୍ବପୁରାତନ ସଭ୍ୟ ଦୁର୍ଯ୍ୟୋଧନ ବେହେରାଙ୍କର ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଆସନ୍ତା ୧୪ ତାରିଖ ହେବାକୁ ଥିବା ହନୁମାନ ଜୟନ୍ତୀକୁ କିପରି ଯାକଯମକରେ ପାଳିତ ହେବ ସେହି ଉପରେ ବିଷଦଭାବରେ ଆଲୋଚନା କରାଯାଇଥିଲା। ପରେ ସର୍ବସମ୍ମତି କ୍ରମେ ଆସନ୍ତା ୩ ବର୍ଷ ପାଇଁ ସଭାପତି ରୂପେ ଲକ୍ଷ୍ମୀକାନ୍ତ ଧରୁଆ,

**ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ**

ଉପସଭାପତି ଲକ୍ଷ୍ମଣ ମହାରଣା, ଶ୍ୟାମ ସୁନ୍ଦର ଝାଙ୍କର, ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ପୋଢ଼, ଯାଦବ, ସମ୍ପାଦକ ଗୋକୁଳ ରାଉତ, କୋଷାଧ୍ୟକ୍ଷ ପଦ୍ମଲୋଚନ ସାହୁ ଓ ପ୍ରେମା ନନ୍ଦ ମାଝୀ ତଥା ଆବାହକ ରୂପେ ସାର୍ଥକ ଥାଟି, ସଂସ୍କୃତି ସମ୍ପାଦକ ଭାବରେ ହରି ହାତୀଙ୍କୁ ଚୟନ କରାଯାଇଛି। ସେହିପରି ସଦସ୍ୟ ରୂପେ ୧୨ ଓ ଉପଦେଷ୍ଟା ଭାବରେ ୧୦ ଜଣକୁ ମଧ୍ୟ ନିଯୁକ୍ତି ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମରେ ମୁରିବାହାଲ ଗ୍ରାମର ଜନସାଧାରଣ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଟଙ୍କା ଫେରାଅ, ନ ହେଲେ ୨ ବର୍ଷ ଜେଲ

ବଲାଙ୍ଗୀର,୨୦।୩ (ବୀରେନ୍ଦ୍ର କୁମାର ଝାଙ୍କର)

**ସୁନାଗହଣା କିଣାରେ ଚେକ୍ ହେରଫେର୍ ମାମଲା**

■ବଲାଙ୍ଗୀର ଜେଏମ୍‌ଏଫ୍‌ସି କୋର୍ଟର ଫଇସଲା

ସୁନାଗହଣା କିଣାରେ ଚେକ୍ ହେରଫେର ମାମଲାର ଶୁଣାଣି କରି ବଲାଙ୍ଗୀର ଜେଏମ୍‌ଏଫ୍‌ସି ପ୍ରକାଶ କୁମାର କର ଅଭିଯୁକ୍ତ କ୍ରେତାଙ୍କୁ ଏକ ମାସ ମଧ୍ୟରେ ସୁନାଗହଣା ଦୋକାନୀଙ୍କୁ ସୁଧ ସହ ମୂଳ ଟଙ୍କା ଫେରାଇବାକୁ ନିର୍ଦ୍ଦେଶ ଦେବା ସହ ଏହାର ଖିଲାପ୍ ହେଲେ ଅଭିଯୁକ୍ତ ୨ ବର୍ଷ ଜେଲଦଣ୍ଡ ଭୋଗିବେ ବୋଲି ଦଣ୍ଡାଦେଶ ଶୁଣାଇଛନ୍ତି।

ସୂଚନା ଅନୁଯାୟୀ, ୨୦୨୧ ମସିହା ଜାନୁଆରୀ ୨୨ରେ ବଲାଙ୍ଗୀର ରମାଇ ଟକିଜ୍ ନିକଟ ମେସର୍ସ ପାରାଡାଇଜ୍ ଜୁଏଲର୍ସରୁ ରାଜୀବନଗର ନିବାସୀ ତଥା ଜନସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ବାବୁଲାଲ ମେହେର ୧ ଲକ୍ଷ ୬୪ ହଜାର ୪ ଶହ ଟଙ୍କାର ସୁନାଗହଣା କିଣିଥିଲେ। ତେବେ ସୁନାଗହଣା ବାବଦକୁ ସେ ୫୦ ହଜାର ୪ଶହ ଟଙ୍କା ପ୍ରଦାନ କରି ୬ ମାସ ଭିତରେ ବକେୟା ୧ ଲକ୍ଷ ୧୪ହଜାର ଟଙ୍କା ପ୍ରଦାନ କରିବେ ବୋଲି କହିଥିଲେ। ବାବୁଲାଲଙ୍କ ସହ ବଲାଙ୍ଗୀର ଆହ୍ଲାବାଦ ବ୍ୟାଙ୍କରେ କାମ କରୁଥିବା ତାଙ୍କର ବନ୍ଧୁ ନିର୍ଦ୍ଧାରିତ ସମୟରେ ଚେକ୍ ଆକାରରେ ସମସ୍ତ ଟଙ୍କା ଫେରସ୍ତ କରିବେ ବୋଲି ଜୁଏଲର୍ସର ମାଲିକଙ୍କୁ ପ୍ରତିଶ୍ରୁତି ଦେଇ ସୁନାଗହଣା ନେଇଥିଲେ। ବାବୁଲାଲ ଏବଂ ସମ୍ପୃକ୍ତ ବ୍ୟାଙ୍କ କର୍ମଚାରୀଙ୍କ କଥାକୁ ବିଶ୍ୱାସ କରି ଜୁଏଲର୍ସ ମାଲିକ ସଞ୍ଜୀବ କୁମାର ବରେଇ ସୁନାଗହଣା ଦେବାକୁ ରାଜି ହୋଇଯାଇଥିଲେ। ଜୁଲାଇ ମାସରେ ବାବୁଲାଲ ସୁନାଗହଣା ଦୋକାନକୁ ଯାଇ ୫୭ ହଜାର ଟଙ୍କାର ଦୁଇଟି ଚେକ୍ ପ୍ରଦାନ କରିଥିଲେ। ତେବେ ବ୍ୟାଙ୍କରେ ଡିପୋଜିଟ କଲା ପରେ ସେଇ ଦୁଇ ଚେକ୍ ବାଉନ୍ସ ହୋଇଯାଇଥିଲା। ଏ ବିଷୟରେ ସୁନାଗହଣା ଦୋକାନୀ ବରେଇ କ୍ରେତା ବାବୁଲାଲଙ୍କୁ ଜଣାଇଥିଲେ ମଧ୍ୟ ସେ ଆଉ ଧରାଛୁଆଁ ଦେଇ ନ ଥିଲେ। ଏହା ପରେ ସୁନାଗହଣା ଦୋକାନୀ ଠକାମୀର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ବକେୟା ଟଙ୍କା ଫେରାଇବାକୁ ବାବୁଲାଲଙ୍କୁ ବାରମ୍ବାର ନୋଟିସ ଦେଇ ଅନୁରୋଧ କରିବା ପରେ ମଧ୍ୟ ଟଙ୍କା ନ ଫେରାଇବାରୁ ଶେଷରେ ଅନୋନ୍ୟପାୟ ହୋଇ ସୁନାଗହଣା ଦୋକାନୀ ଅଦାଲତର ଆଶ୍ରୟ ନେଇଥିଲେ। ଜେଏମ୍‌ଏଫ୍‌ସି କୋର୍ଟ ଆଇସିସି କେଶ ନମ୍ବର ୫୦ /୨୦୨୧ ଅନୁସାରେ ସମସ୍ତ ସାକ୍ଷୀ ଓ କାଗଜପତ୍ରକୁ ଭିତ୍ତିକରି ଦଫା ୧୩୮, ନେଗୋସିଏବଲ ଇନଷ୍ଟ୍ରୁମେଣ୍ଟ ଆକ୍ଟରେ ଜେଏମ୍‌ଏଫ୍‌ସି କ୍ରେତା ବାବୁଲାଲ ମେହେରଙ୍କୁ ଏକ ମାସ ଭିତରେ ୯ ପ୍ରତିଶତ ସୁଧ ମିଶାଇ ମୂଳ ବକେୟା ଟଙ୍କା ସହ ୧ ଲକ୍ଷ ୪୯ ହଜାର ୯୧୦ ଟଙ୍କା କ୍ଷତିପୂରଣ ଫେରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶର ଖିଲାପ ହେଲେ ଦୁଇବର୍ଷର ଜେଲ ଦଣ୍ଡାଦେଶ ଭୋଗିବାକୁ ପଡିବ ବୋଲି ଶୁଣାଇଛନ୍ତି। ଜେଏମ୍‌ଏଫ୍‌ସି କୋର୍ଟରେ ଅଭିଯୋଗକାରୀ ସୁନାଗହଣା ଦୋକାନୀଙ୍କ ପକ୍ଷରୁ ଆଡଭୋକେଟ ଚନ୍ଦ୍ରଶେଖର ମିଶ୍ର ମକଦ୍ଦମା ପରିଚାଳନା କରିଥିଲେ।

# ଟିଟିଲାଗଡ଼ରେ ବିଜେଡିର ମିଶ୍ରଣ ପର୍ବ



ମନ୍ତ୍ରୀଙ୍କ ସହିତ ବିଜେଡ଼ିରେ ଯୋଗଦେଇଥିବା କର୍ମୀ।

ଟିଟିଲାଗଡ଼, ୨୦।୩(ଶରତ ମିଶ୍ର)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନହିତକର କାର୍ଯ୍ୟକ୍ରମରେ ଅନୁପ୍ରାଣିତ ହୋଇ ମନ୍ତ୍ରୀ ଟୁକୁନି ସାହୁଙ୍କ ବାସଭବନରେ (ବିଜେଡି) ବିଜୁ ଜନତା ଦଳରେ ଯୋଗଦାନ କରିଛନ୍ତି ଟିଟିଲାଗଡ଼ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଯାଦବ ନେତା ପିତାମ୍ବର ବଗର୍ତ୍ତୀଙ୍କ ସୁପୁତ୍ର ଜୟନ୍ତ ବଗର୍ତ୍ତୀ ଓ ରାଧା ବଗର୍ତ୍ତୀ। ସିହିନୀ ଗ୍ରାମ ପଞ୍ଚାୟତର ନିଜ ସହଯୋଗୀଙ୍କ ସହିତ ଭାରତୀୟ ଜନତା ପାର୍ଟି ଛାଡି ବିଜୁ ଜନତା ଦଳରେରେ ସାମିଲ ହୋଇଛନ୍ତି। ତାଙ୍କର ଯୋଗଦାନ ବିଜେଡ଼ିର ଶକ୍ତିବୃଦ୍ଧି କରିବ ବୋଲି କୁହାଯାଉଛି।

# ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ନିର୍ମାଣରେ ବିଳମ୍ବ

ଲାଠୋର,୨୦।୩(ଭୁବନେଶ୍ୱର ବାରିକ)

ବଲାଙ୍ଗିର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ସଦର ଗ୍ରାମର ବିଦ୍ୟୁତ୍ ଗ୍ରୀଡ଼ ନିକଟରେ ଲକ୍ଷାଧିକ ଟଙ୍କା ବ୍ୟୟରେ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର ନିର୍ମାଣ ହେଉଛି। ହେଲେ ଏହି ବର୍ଯ୍ୟବସ୍ତୁ ପରିଚାଳନା କେନ୍ଦ୍ର ନିର୍ମାଣରେ ବିଳମ୍ବ ହେଉଥିବା ନେଇ ଅଭିଯୋଗ ହୋଇ ଆସୁଛି। ଏଥିପ୍ରତି କେହି ନଜର ଦେଉ ନ ଥିବା ଅଭିଯୋଗ ହେଉଛି। ଖପ୍ରାଖୋଲ ପଞ୍ଚାୟତ ସମିତି ପକ୍ଷରୁ ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ଜରିଆରେ ଲାଠୋର ବିଦ୍ୟୁତ୍ ଗ୍ରୀଡ଼ ନିକଟରେ ୯ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ଗତ ୨୦୨୨-୨୩ ମସିହାରେ ଏକ ବର୍ଯ୍ୟବସ୍ତୁ ପରିଚାଳନା କେନ୍ଦ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ହେଲେ ଅଦ୍ୟାବଧି କାର୍ଯ୍ୟଟି ସମ୍ପୂର୍ଣ୍ଣ ହୋଇପାରି ନାହିଁ। ବର୍ତ୍ତମାନ ଯାଏ କାନ୍ଥ ନିର୍ମାଣ କରି ତା ଉପରକୁ ଲୁହା ଏଙ୍ଗଲ ଦେବା ପର୍ଯ୍ୟନ୍ତ କାର୍ଯ୍ୟ ହୋଇଛି। ନିର୍ମାଣ କାର୍ଯ୍ୟ କେବେ ସମ୍ପୂର୍ଣ୍ଣ ହେବ ଏବଂ କାର୍ଯ୍ୟକ୍ଷମ କରାଯିବ ସେନେଇ ଗ୍ରାମବାସୀ ଶଙ୍କାରେ ରହିଛନ୍ତି। କେନ୍ଦ୍ରରେ ସନ୍ଧ୍ୟା ହେଲା ମାତ୍ରେ ଅସାମାଜିକ ଲୋକ ସେଠାରେ ଭିଡ଼ ଜମାଇ ଅସାମାଜିକ କାର୍ଯ୍ୟକଳାପ ସହ ମଦ ମାଂସ ଭୋଜି ଭାତ କରି ଚାଲିଛନ୍ତି। ଏନେଇ ଖପ୍ରାଖୋଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିବେକାନନ୍ଦ ଷଡ଼ଙ୍ଗୀଙ୍କୁ ପଚାରିବାରେ ଘଟଣା ବିଷୟରେ ତଦନ୍ତ କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ତେବେ ଯଥାଶିଘ୍ର କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ସାଧାରଣରେ ଦାବି ହେଉଛି।



ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ିଛି ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର।

# ନେତୃତ୍ୱ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଲୋଇସିଂହା,୨୦।୩(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ପଞ୍ଚାୟତ ସମିତି ରୋତ ମହାବିଦ୍ୟାଳୟରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ବ୍ୟୁରୋ ଦ୍ୱାରା ପ୍ରାୟୋଜିତ ତିନି ଦିନିଆ 'ନେତୃତ୍ୱ ପ୍ରଶିକ୍ଷଣ ଶିବିର' ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ସନ୍ତୋଷ କୁମାର ରଥ ଅଧ୍ୟକ୍ଷତା କରିଥିଲେ। ବଲାଙ୍ଗୀର ଜାତୀୟ ସେବା ଯୋଜନାର ସଂଯୋଜିକା ଡକ୍ଟର ପ୍ରିୟଙ୍କା ଚକ୍ରବର୍ତ୍ତୀ ମୁଖ୍ୟ ଅତିଥି, ପଥର ଚେପା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ କ୍ଷମାନିଧି ଝାଙ୍କର ମୁଖ୍ୟବକ୍ତା ଭାବରେ ଯୋଗଦାନ କରି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଙ୍ଗୀତ, ନୃତ୍ୟ, ବକ୍ତୃତା, ପ୍ରବନ୍ଧ ଲିଖନ, କମେଡି ଓ ରଙ୍ଗୋଲି ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଦୈତାରୀ ଶବର, ସହ




ନେତୃତ୍ୱ ପ୍ରଶିକ୍ଷଣ ଶିବିରରେ ମଞ୍ଚାସୀନ ଅତିଥି।

**ରୋତ ମହାବିଦ୍ୟାଳୟ**

ଅଧିକାରୀ ଡକ୍ଟର ରଶ୍ମୀଲତା ମହାନନ୍ଦ, ଅଧ୍ୟାପକ ଆର୍ଯ୍ୟେନ୍ଦୁ ମେହେର, ଡକ୍ଟର ଭୂରିଶ୍ରବା ମାଝି, ଡକ୍ଟର ଲିଙ୍ଗରାଜ ମେହେର, ଶାନ୍ତନୁ ପାଢୀ, ବାମଦେବ ମେହେର, ନରେଶ ପଟେଲ, ସୁମିତ ପଟେଲଙ୍କ ସମେତ ଅନ୍ୟାନ୍ୟ ଅଧ୍ୟାପକ, କର୍ମଚାରୀ ଓ ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ର ସହଯୋଗ କରିଥିଲେ। ଉଦ୍‌ଘାଟନ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ସନ୍ତୋଷ କୁମାର ରଥ ଅଧ୍ୟକ୍ଷତା କରିଥିଲେ। ଏଥିରେ କଳାହାଣ୍ଡିର ଏଭରେଷ୍ଟ ଶୃଙ୍ଗ ଆରୋହୀ ଯୋଗବ୍ୟାସ ଭୋଇ ମୁଖ୍ୟ ଅତିଥି, ମହାବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି କାହ୍ନୁଚରଣ ଦର୍ଜି ମୁଖ୍ୟବକ୍ତା, ସମ୍ବଲପୁର ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନାର ସଂଯୋଜକ ପ୍ରଫେସର ସୁମନ୍ତ କେରକେଟା ଓ ବଲାଙ୍ଗିର ଜିଲାର ସଂଯୋଜକ ଡକ୍ଟର ଅଜିତ କୁମାର ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରି ପତାକା ଉତ୍ତୋଳନ ପୂର୍ବକ ଶିବିର ଉଦ୍‌ଘାଟନ କରିଥିଲେ। ଏହି ଶିବିରର ବିଭିନ୍ନ ପର୍ଯ୍ୟାୟରେ ଛାତ୍ରୀଛାତ୍ରଙ୍କ ନେତୃତ୍ୱ ବୃଦ୍ଧି ସମ୍ପର୍କରେ ଯୋଗବ୍ୟାସ ଭୋଇ, କାହ୍ନୁଚରଣ ଦର୍ଜି, ଅଜିତ କୁମାର ଭୋଇ, ଲୋଇସିଂହାର ଯୋଗ ପ୍ରଶିକ୍ଷକ ଜ୍ୟୋତିପ୍ରକାଶ ସାହୁ, ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଆଇନଜୀବୀ ସାର୍ଥକ କୁମାର ରଥ, ଆହ୍ଲାବାଦ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରାଧ୍ୟାପକ ଡକ୍ଟର ପ୍ରମୋଦ କୁମାର ବାଗ, ଆଗଲପୁର ଅଗ୍ନିଶମ ଅଧିକାରୀ ଲକ୍ଷ୍ମଣ ପଧାନ ଓ ସାଥି, ଅଧ୍ୟାପକ ନୀଳାମ୍ବର ବାରିକ ପ୍ରମୁଖ ବିଭିନ୍ନ ଶୀର୍ଷକ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ।

## ସଂକ୍ଷେପରେ

### ମୋବାଇଲ ଛିନ୍‌ତାଇ, ଜଣେ ଗିରଫ

**ରାଉରକେଲା,୨୦।୩(ସଙ୍ଗୀତା ଜେନା):** ଚଳନ୍ତା ଟ୍ରେନରୁ ଜଣେ ଯୁବତୀଙ୍କ ମୋବାଇଲ୍ ଛଡାଇ ଫେରାର ହୋଇଯିବା ବେଳେ ଜିଆର୍‌ପି ପୋଲିସ ରାଉରକେଲା ଷ୍ଟେଶନ ନିକଟରେ ବୁଧବାର ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବିହାର ପାଟନାର ଗୋଲୁ ଯାଦବ(୨୪)। ଏ ନେଇ ପୋଲିସ ଏକ ମାମଲା (ନଂ.୩୦/୨୪) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ, ବୁଧବାର ସକାଳ ୮ଟାରେ ଜାମ୍ମୁ ତୱି ଟ୍ରେନ ରାଉରକେଲା ଅତିକ୍ରମ କରୁଥିବା ବେଳେ ଅଭିଯୁକ୍ତ ଯୁବକ ଜଣଙ୍କ ଉକ୍ତ ଯୁବତୀଙ୍କ ମୋବାଇଲ ଛଡାଇ ଫେରାର ହୋଇଯାଉଥିବା ବେଳେ ପୋଲିସ ହାତରେ ଧରାପଡିଥିଲେ।

### ନିଖୋଜ ଟ୍ରାକ୍ଟର ଚାଳକଙ୍କ ମୃତଦେହ ଜବତ

**ରାଉରକେଲା,୨୦।୩(ସଙ୍ଗୀତା ଜେନା):** ଜମସେରା ପଞ୍ଚାୟତ ଜବାଘାଟ ଗ୍ରାମର ଟ୍ରାକ୍ଟର ଚାଳକ ନରସିଂହ ଗୌଡ଼(୪୮) ସୋମବାର ସକାଳେ ଘରୁବୁଲିବାକୁ ଯାଇ ନିଖୋଜ ହୋଇଯାଇଥିଲେ। ଏ ନେଇ ବନ୍ଧମୁଣ୍ଡା ଥାନାରେ ପରିବାରବର୍ଗ ଏତଲା ଦେଇଥିଲେ। ବହୁ ଖୋଜାଖୋଜି ପରେ ବୁଧବାର ସକାଳେ କୋଏଲ ନଦୀ ଜବାଘାଟରେ ତାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଗ୍ରାମବାସୀ ତାଙ୍କୁ ପୋଲିସ ସହାୟତାରେ ରାଉରକେଲା ସରକାରୀ ଡାକ୍ତରଖାନାକୁ ନେଇଥିଲେ। ସେଠାର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ.୯/୨୪) ରୁଜୁ କରିଛି। ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।

### ଭାସ୍କର ପ୍ଲାଣ୍ଟରେ ଶ୍ରମିକଙ୍କ ଆଙ୍ଗୁଠି କଟିଲା

**ଲହୁଣୀପଡା,୨୦।୩(ଦାଶରଥି ପଣ୍ଡା):** ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ରାଜାମୁଣ୍ଡା ପଞ୍ଚାୟତ ତୁମକଳା ଗ୍ରାମଠାରେ ଥିବା ଭାସ୍କର ପ୍ଲାଣ୍ଟରେ ମଙ୍ଗଳବାର କାର୍ଯ୍ୟରତ ଜଣେ ଶ୍ରମିକଙ୍କ ଗୋଠ ଆଙ୍ଗୁଠି କଟି ଯାଇଛି। ସେ ହେଲେ ଅନିଲ ମିଶ୍ରା। ସେ ବଣାଇଁ ଉପଖଣ୍ଡ ସରକାରୀ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ଅନିଲ ଭାସ୍କର ପ୍ଲାଣ୍ଟରେ ଆର୍‌ଏମପି ସେକ୍ସନର ମେକାନିକାଲ ବିଭାଗରେ କାମ କରନ୍ତି। ମଙ୍ଗଳବାର କାମ କରୁଥିବା ବେଳେ ହଠାତ୍ ତାଙ୍କ ଗୋଡ ଉପରେ ଭାରି ବସ୍ତୁ ପଡିଯିବାରୁ ଆଙ୍ଗୁଠି କଟି ଯାଇଥିଲା। ଉକ୍ତ କାରଖାନାରେ ବାରମ୍ବାର ଦୁର୍ଘଟଣା ଘଟି ଅନେକ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଆହତ ମଧ୍ୟ ହୋଇଛନ୍ତି। ହେଲେ କାରଖାନା ପକ୍ଷରୁ ଆବଶ୍ୟକୀୟ ସେଫ୍ଟି ଉପକରଣ ବ୍ୟବହାର ପାଇଁ ଶ୍ରମିକଙ୍କୁ ଦିଆଯାଉ ନ ଥିବାରୁ ଏଭଳି ଘଟଣା ବାରମ୍ବାର ଘଟୁଥିବା ନେଇ କାର୍ଯ୍ୟରତ କର୍ମଚାରୀମାନେ କହିଛନ୍ତି।

### ଯୁବକଙ୍କୁ ହତ୍ୟା ସନ୍ଦେହ

**ବରପାଲ,୨୦।୩(ଚିତ୍ତରଞ୍ଜନ ସାହୁ):** ବରଗଡ଼ ଜିଲା ବରପାଲି ଥାନା ବାବୁପାଲି ଗ୍ରାମରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିବା ତାଙ୍କ ସ୍ତ୍ରୀ ଥାନାରେ ଅଭିଯୋଗ କରିଛନ୍ତି। ମୃତକ ହେଲେ ଗମ୍ଭୀର ଭୋସାଗର। ବୁଧବାର ବରପାଲି ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଘଟଣାରେ ପୋଲିସ ଏକ ମାମଲା (ନଂ.୧୦୮/୨୪) ରୁଜୁ କରି ୨ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି । ସୂଚନା ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟାରେ ଗମ୍ଭୀରଙ୍କୁ ଜଣେ ଯୁବକ ଘରୁ ଡାକି ନେଇଥିଲେ। ରାତି ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରି ଟିଙ୍ଗିପାଲି ଘାଟରେ ପାଇଥିଲେ। ତୁରନ୍ତ ତାଙ୍କୁ ବରପାଲି ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ସଙ୍ଗୀତ ଏକାଡେମୀ ସଦସ୍ୟଙ୍କୁ ସମ୍ବର୍ଦ୍ଧନା

**ବରଗଡ଼,୨୦।୩(ପ୍ରେମାନନ୍ଦ ଖମାରୀ):** ବରଗଡ଼ ପୌର ପରିଷଦ ଅଧିନ ୱାର୍ଡ ନଂ. ୧୮ବାନ୍ଦୁଟିକ୍ରା (ଭିଏସଏସ ନଗର)ରେ ବୁଧବାର ଓଡ଼ିଶା ସଙ୍ଗୀତ ଏକାଡେମୀର ନୂତନ ସଦସ୍ୟ କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ କାଳୀଚରଣ ବାଗଙ୍କୁ ସମଲେଶ୍ୱରୀ ନୂପୁର କଳା ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ପରିଷଦ ସଭାପତି ଶ୍ରୀକାନ୍ତ ମିଶ୍ର, ଉପସଭାପତି ରବିନ୍ଦ୍ର ବାଗଙ୍କ ସମେତ ଅନ୍ୟ ସଦସ୍ୟ, କଳାକାରବୃନ୍ଦ ଉପସ୍ଥିତ ଥିଲେ।

# ନାଟକ ମଣିଷ ଚରିତ୍ରର ପ୍ରତିବିମ୍ବ

**ରାଉରକେଲା,୨୦।୩(ସଙ୍ଗୀତା ଜେନା)**

ନାଟକ ମଣିଷ ଚରିତ୍ରର ପ୍ରତିବିମ୍ବ। ଏହାଦ୍ୱାରା ମଣିଷ ନିଜ ତ୍ରୁଟିକୁ ସଂଶୋଧନ କରି ପରିମାର୍ଜିତ ହୋଇଥାଏ। କଳାକାର ଏଥିରେ ସମାଜର ଗୁଢ଼ ରହସ୍ୟ ଓ ସିଦ୍ଧାନ୍ତ ପରିବେଷଣ କରିଥାଏ। ଛେଣ୍ଡ ସ୍ଥିତ ଗୋପବନ୍ଧୁ ପାଠାଗାରରେ ସାଂସ୍କୃତିକ ଅନୁଷ୍ଠାନ ସଂକଳ୍ପ ପକ୍ଷରୁ 'ସାମ୍ପ୍ରତିକ ଓଡ଼ିଆ ନାଟକ ଓ ମାନବିକ ମୂଲ୍ୟବୋଧ' ଶୀର୍ଷକ ଆଲୋଚନାଚକ୍ରରେ ଅତିଥିମାନେ ଏହି ମତପୋଷଣ କରିଥିଲେ। ଆଲୋଚନାଚକ୍ରରେ ଅନୁଷ୍ଠାନର ସଭାପତି ଡ. କିଶୋରୀ ଦାଶ ଅଧ୍ୟକ୍ଷତା କରିଥିବାବେଳେ ଡା. ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି, ଡ. ସମର ମୁଦାଲି, କବି ରାଜୀବ ପାଣି ଆଲୋଚକ ଏବଂ ମଞ୍ଜୁ ମୁଖାର୍ଜୀ ସ୍ୱତନ୍ତ୍ର ଅତିଥି ଭାବେ



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିବୃନ୍ଦ।

**ଆଲୋଚନାଚକ୍ରରେ ମତପ୍ରକାଶ**

ଯୋଗଦେଇ ଆଲୋଚନା କରିଥିଲେ। ଏହି ଅବସରରେ ଆଲୋଚକ ମୁଦାଲି କହିଲେ, ନାଟକ ଏକ ମନ ମୁଗ୍ଧକର ଚିତ୍ରଶାଳା, ଏହା ମନୋରଞ୍ଜନ ନୁହେଁ ବରଂ ଚିତ୍ତରଞ୍ଜନ ବୋଲି ସେ କହିଥିଲେ। ସେହିପରି ଅନ୍ୟତମ ଆଲୋଚକ ପାଣି କହିଲେ, ନାଟକ ମଣିଷକୁ ସଂସ୍କାରିତ କରିଥାଏ। ସମ୍ପ୍ରତି ନାଟକରେ ମୂଲ୍ୟବୋଧର ଅବକ୍ଷୟ ଘଟିଛି ତାହା ଉଦ୍‌ବେଗଜନକ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ପାଦକ ସରୋଜ ଚନ୍ଦ୍ର କବି ଆବାହକ ଭାବେ ଯୋଗ ଦେଇଥିଲେ। ଶ୍ରୋତା ରାଜକୁମାର ମହାନ୍ତି, ଶର୍ମିଷ୍ଠା କବି ଶତପଥୀ ବିଷୟବସ୍ତୁକୁ ନେଇ ମତାମତ ଉପସ୍ଥାପନ କରିଥିଲେ। ବରିଷ୍ଠ ସଦସ୍ୟ ପ୍ରବୀର ମିଶ୍ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅକ୍ଷୟ ଧଳ, କୁଞ୍ଜନଲାଲ ବୋଷ, ଦିପ୍ତୀରଞ୍ଜନ ବାରିକ, ପ୍ରିୟଦର୍ଶନ ରାଉତ, ବାସନ୍ତୀ ଦାସ, ପ୍ରମିଳା ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗିରିଜା ଶଙ୍କର ଗୋସ୍ୱାମୀ, ଆଲୋକ ବୋଷ, ସତ୍ୟରଞ୍ଜନ ବେହେରା, ସତ୍ୟ ମିଶ୍ର, ଅଶୋକ ବଳଙ୍କ ସମେତ ଶତାଧିକ ସାହିତ୍ୟପ୍ରେମୀ ଉପସ୍ଥିତ ଥିଲେ।

# ସହର ପରିକ୍ରମା କଲା ନିଶାନ ଶୋଭାଯାତ୍ରା



ଶୋଭାଯାତ୍ରା ସହର ପରିକ୍ରମା କରୁଛି।

**ରାଉରକେଲା,୨୦।୩(ସଙ୍ଗୀତା ଜେନା)**

ରାଉରକେଲା ବିର୍ସାତାହାର ରୋଡ୍‌ସ୍ଥିତ ଶ୍ୟାମବାବା ମନ୍ଦିରର ୪୨ତମ ଫାଲଗୁନ ମହୋତ୍ସବର ବୁଧବାର ଦ୍ୱିତୀୟ ଦିବସରେ ନିଶାନ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହା ଟ୍ରାଫିକ୍ ଗେଟ୍ ପଞ୍ଚଦେବ ମନ୍ଦିରରୁ ବାହାରି ରିଂରୋଡ୍, ମଧୁସୂଦନ ଛକ ତଥା ମୁଖ୍ୟ ମାର୍ଗ ଦେଇ ପରିକ୍ରମା କରିଥଲା। ଏଥିରେ ୫ଶହରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଅଂଶଗ୍ରହଣ କରିଥିଲେ। ଶ୍ୟାମବାବାଙ୍କ ପ୍ରତିକୃତି ସହ ବିଭିନ୍ନ ଦେବଦେବୀଙ୍କ ପ୍ରତିମାକୁ ଏହି ଶୋଭାଯାତ୍ରାରେ ସାମିଲ କରାଯାଇଥିଲା। ଭଜନ, କୀର୍ତ୍ତନ ଓ ଢୋଲବାଦ୍ୟ ଏହାର ପ୍ରମୁଖ ଆକର୍ଷଣ ସାଜିଥିଲା। ଅପରାହ୍ନ ୨ଟାରୁ ଆରମ୍ଭ ହୋଇଥିବା ଉକ୍ତ ଶୋଭାଯାତ୍ରା ସନ୍ଧ୍ୟାରେ ଶ୍ୟାମବାବା ମନ୍ଦିରରେ ପହଞ୍ଚିଥିଲା। ସେହିପରି ସନ୍ଧ୍ୟାରେ ଝାଡ଼ଖଣ୍ଡ ଧାନବାଦରୁ ଆସିଥିବା କଳାକାରମାନେ ଭଜନ ପରିବେଷଣ କରିଥିଲେ। ଶାନ୍ତିଶୃଙ୍ଖଳା ପାଇଁ ୨ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ମନ୍ଦିର ଟ୍ରଷ୍ଟ ସମେତ ବିଭିନ୍ନ ସାମାଜିକ ଅନୁଷ୍ଠାନ ସଦସ୍ୟ ଏଥିରେ ସହଯୋଗ କରିଥିଲେ।

# ଆରାଧାରେ ବିଶ୍ୱ ମହିଳା ଦିବସ ପାଳିତ

**ରାଉରକେଲା,୨୦।୩(ସଙ୍ଗୀତା ଜେନା)**

ଜଗଦାର ମହିଳା ସ୍ୱେଚ୍ଛାସେବୀ ସଙ୍ଗଠନ ଆରାଧା ପକ୍ଷରୁ ବିଶ୍ୱ ମହିଳା ଦିବସ ସ୍ଥାନୀୟ ଲୋକନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସଭାନେତ୍ରୀ ହରପ୍ରିୟା ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସଭାପତି ବବିତା ସ୍ୱାଇଁ, ସମ୍ପାଦିକା ପ୍ରେମଲତା ମହାନ୍ତି, କୋଷାଧକ୍ଷ ଶୁଭଶ୍ରୀ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ମହିଳାମାନେ ଘର କୋଣରୁ ମହାକାଶ ପର୍ଯ୍ୟନ୍ତ ନିଜ କାର୍ଯ୍ୟର ଛାପ ଛାଡି ସାରିଲେଣି। ସ୍ୱୟଂସିଦ୍ଧା ମହିଳା ପୁରୁଷଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଚାଲିଛନ୍ତି। ତେବେ ବିଭିନ୍ନ କ୍ଷେତ୍ରରେ ୩୩ ପ୍ରତିଶତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ସଦସ୍ୟାଗଣ।

ସଂରକ୍ଷଣ ପରିବର୍ତ୍ତେ ୫୦ ପ୍ରତିଶତ ସଂରକ୍ଷଣ ମିଳୁ ବୋଲି ସଦସ୍ୟମାନେ ଆଲୋଚନା କରିଥିଲେ। ଏହି ଅବସରରେ ଅଙ୍ଗନୱାଡି କର୍ମୀ ସସ୍ମିତା ଦାସ ଓ ନୂତନ ଉପସଭାପତି ବବିତା ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସବିତା ମହାରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରୋଜାଲିନ ରାଉତ, ଜୟଶ୍ରୀ ପାଣ୍ଡେ, ତୃପ୍ତୀ ରାଉତ, ମମତା ତ୍ରିପାଠୀ, ରଶ୍ମିତା ପ୍ରଧାନ, କୁନମୁନ ମିଶ୍ର, ରଶ୍ମିତା ପାଣି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବଡ଼ଗାଁ ପଞ୍ଚାୟତ କଂଗ୍ରେସ କର୍ମୀ ବୈଠକ

**ବଡ଼ଗାଁ,୨୦।୩( ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ପଞ୍ଚାୟତର କଂଗ୍ରେସ କର୍ମୀଙ୍କୁ ନେଇ ଚେମାପଡା ଗ୍ରାମରେ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି ଚିନ୍ତାମଣି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ଜିଲା କଂଗ୍ରେସ କମିଟି ଉପ ସଭାପତି ପର୍ଶୁରାମ ସରାଫ, ପଞ୍ଚାୟତ ସଭାପତି ନୂଆସ କେରକେଟା, ୱାର୍ଡ ମେମ୍ବର ରାଜେନ୍ଦ୍ର ଡୁଙ୍ଗଡୁଙ୍ଗ, ନାରାୟଣ ପୃଷେଟ, ଆନନ୍ଦ କେରକେଟା, ପୂର୍ବତନ ଜିଲା ପରିଷଦ ସଭ୍ୟ ଅହଲ୍ୟା ଲାକ୍ରା, ପ୍ରଶାନ୍ତ ଦାସ, ପୂର୍ଣ୍ଣଚନ୍ଦ୍ର ସା, ଶିବ ଭାଇସାଲ, ତାରାମଣି ଡୁଙ୍ଗଡୁଙ୍ଗ ଯୋଗଦେଇଥିଲେ। ଆଗାମୀ ନିର୍ବାଚନକୁ ନେଇ ହୋଇଥିବା ଏହି ବୈଠକରେ କଂଗ୍ରେସ ଟିକେଟ ପାଇଁ ଆଶାୟୀ ପ୍ରାର୍ଥୀ ଗୋବିନ୍ଦ ଭୋଇ ଓ ଦେବେନ୍ଦ୍ର ଭିତ୍ରିଆ ଯୋଗଦେଇଥିଲେ। ଦଳୀୟ ନେତାମାନେ କର୍ମୀଙ୍କୁ ଆଗାମୀ ନିର୍ବାଚନ ପାଇଁ ପ୍ରସ୍ତୁତ ହେବାକୁ କହିବା ସହିତ କଂଗ୍ରେସ କର୍ମୀମାନେ ଜନ ସମ୍ପର୍କ ବଢାଇବା ଓ କଂଗ୍ରେସ ଆସିଲେ କ'ଣ ସୁବିଧା ମିଳିବ ସେ ନେଇ ଲୋକଙ୍କୁ ବୁଝାଇବାକୁ କହିଥିଲେ। ଏସଏଚଜି ମହିଳା, କୃଷକଙ୍କ ଲୋନ ଛାଡ, ଘରର ମହିଳା ମୁଖ୍ୟଙ୍କୁ ମାସିକ ୨ହଜାର ଟଙ୍କା, ଗ୍ୟାସ ସିଲିଣ୍ଡର ୫ ଶହ ଟଙ୍କା, ଇଲେକ୍ଟ୍ରିକ ୨ ଶହ ୟୁନିଟ ପର୍ଯ୍ୟନ୍ତ ଛାଡ, ବାର୍ଦ୍ଧକ୍ୟ ,ବିଧବା ଓ ଦିବ୍ୟାଙ୍ଗ ଭତ୍ତା ୨ ହଜାର ଟଙ୍କା, ଧାନ କୁଇଣ୍ଟାଲ ୩ହଜାର ଟଙ୍କା ଓ ସ୍ୱାସ୍ଥ୍ୟ ବୀମାରେ ୨୫ ଲକ୍ଷ ଟଙ୍କା ଦିଆଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। କଂଗ୍ରେସର ଏହି ପ୍ରତିଶ୍ରୁତିକୁ କର୍ମୀମାନେ ଲୋକଙ୍କ ଠାରେ ପହଞ୍ଚାଇବା ପାଇଁ କୁହାଯାଇଥିଲା।

# ଆଇସିଏସ୍‌ଇ ପରୀକ୍ଷା ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ



ହମିରପୁର କାର୍ମେଲ ସ୍କୁଲରେ ପରୀକ୍ଷା ଶେଷ ହେବା ପରେ ଛାତ୍ରୀମାନେ ଖୁସି ମନାଉଛନ୍ତି।

**ରାଉରକେଲା,୨୦।୩(ସଙ୍ଗୀତା ଜେନା)**

ଇଣ୍ଡିଆନ୍ ସାର୍ଟିଫିକେଟ ଅଫ୍ ସେକେଣ୍ଡାରୀ ଏଜୁକେଶନ (ଆଇସିଏସ୍‌ଇ) ପରୀକ୍ଷା ବୁଧବାର ଶେଷ ହୋଇଛି। ଶେଷଦିନ ହିନ୍ଦୀ ବିଷୟରେ ପରୀକ୍ଷା ଥିଲା। ଗତ ଫେବୃଆରୀ ୧୧ ତାରିଖରେ ଏହି ପରୀକ୍ଷା ଆରମ୍ଭ ହୋଇଥିଲା। ରାଉରକେଲାର ସେକ୍ଟର-୨ ଡିସୌଜା ସ୍କୁଲ, ଜଗଦାସ୍ଥିତ ଏମ୍‌ଜିଏମ୍ ସ୍କୁଲ, ସେଣ୍ଟମେରୀ ସ୍କୁଲ, ହମିରପୁରସ୍ଥିତ କାର୍ମେଲ ସ୍କୁଲ, ସେଣ୍ଟ ପଲ୍ସ ସ୍କୁଲ, ସେକ୍ଟର-୫ ଅରବିନ୍ଦ ସ୍କୁଲ, ଇସ୍ପାତ ଇଂରାଜୀ ସ୍କୁଲ ସମେତ ଏହି ବୋର୍ଡର ସ୍କୁଲମାନଙ୍କରେ ଶାନ୍ତିଶୃଙ୍ଖଳାର ସହ ପରୀକ୍ଷା ସମ୍ପନ୍ନ ହୋଇଥିବା ସୂଚନା ମିଳିଛି। ପରୀକ୍ଷା ଶେଷ ହେବା ପରେ ଛାତ୍ରୀଛାତ୍ରମାନେ ହୋଲି ଖେଳି ଖୁସି ମନାଇଥିଲେ।

# ଶ୍ରମିକ ନେତାଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

**ରାଉରକେଲା,୨୦।୩(ସଙ୍ଗୀତା ଜେନା)**

ରାଉରକେଲା ଶ୍ରମିକ ସଂଘର ପ୍ରତିଷ୍ଠାତା ଏମ୍‌ଡ଼ିଏନ୍ ପାଣିକରଙ୍କ ୯ମ ଶ୍ରାଦ୍ଧବାର୍ଷିକୀ ସେକ୍ଟର-୧୮ ରାଉରକେଲା ଶ୍ରମିକ ସଂଘ କାର୍ଯ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୂର୍ବାହ୍ନରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ମୋଟ ୭୧ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ସେହିପରି ସନ୍ଧ୍ୟାରେ କାର୍ଯ୍ୟାଳୟ ପରିସରରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରାଙ୍କ ପୌରୋହିତ୍ୟରେ ପୂର୍ବତନ ବିଧାୟକ ତଥା ଗାଙ୍ଗପୁର ମଜଦୁର ମଞ୍ଚ ସଭାପତି ଜର୍ଜ ତିର୍କୀ ସ୍ମୃତିଚାରଣ କରି ପାଣିକର ଜଣେ ନିର୍ଭୀକ, ସାହସୀ, ସାଧୁ ସଙ୍ଗଠକ, ଶ୍ରମିକ ନେତା ଥିଲେ ବୋଲି କହିଥିଲେ। ସେହିପରି ପାଣିକରଙ୍କ ପୂଣ୍ୟତିଥିରେ ସମସ୍ତେ ମିଳିମିଶି କାର୍ଯ୍ୟରତ ଶ୍ରମିକଙ୍କ ସମସ୍ୟା ସମାଧାନ କରିବା ଉଚିତ ବୋଲି ଜିଏମ୍‌ଏମ୍‌ର ସାଧାରଣ ସମ୍ପାଦକ ଗୋପାଳ ଦାସ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସାଧାରଣ ସମ୍ପାଦକ ବେହେରା କହିଥିଲେ, ପାଣିକର ଆରମ୍ଭ କରିଥିବା ଏହି ସଂଘ ଆଜି ଏକ ମହାଦ୍ରୁମରେ ପରିଣତ ହୋଇଛି। ଏହା ଶ୍ରମିକ ସଂଘ ନୁହେଁ ବରଂ ଶ୍ରମିକ ସ୍ୱାଭିମାନ ଅଟେ। ଏହାକୁ ଅଧିକ ବଳଶାଳୀ କରିବା ଆମର ଉଦ୍ଦେଶ୍ୟ ଓ ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ବେହେରା କହିଥିଲେ। ଅମୀୟ ଜେନା, ଦିଲୀପ ମହାପାତ୍ର, ନିହାର ଦାସ, ଆର୍. କେ. ପଣ୍ଡା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏତଦ୍‌ବ୍ୟତୀତ ଯୁବ କ୍ରିକେଟର ଆଶୀର୍ବାଦ ସ୍ୱାଇଁ ଓଡ଼ିଶା ରଣଜୀ ଟିମ୍‌ରେ ସାମିଲ ହୋଇଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଓଡ଼ିଶା ବୋର୍ଡ, ସିବିଏସ୍‌ଇ, ଆଇସିଏସ୍‌ଇ ବୋର୍ଡ ପରୀକ୍ଷାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସଞ୍ଚାର ସମ୍ପାଦକ ନିହାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ରମାକାନ୍ତ ପରିଡ଼ା, ଅଖିଳ ପୃଷ୍ଟି, ବିକାଶ ବେହୁରିଆ, ଦୁସା ନାଏକଙ୍କ ସମେତ ଶତାଧିକ ସଦସ୍ୟ ଯୋଗଦାନ କରିଥିଲେ।



ଆର୍‌ଏସ୍‌ଏସ୍ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

# ମାହେଶ୍ୱରୀ ନର୍ସିଂ କଲେଜରେ ବିଶ୍ୱ ମୁଖ ଗହ୍ୱର ଦିବସ

**ବରଗଡ଼,୨୦।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ମାହେଶ୍ୱରୀ ନର୍ସିଂ କଲେଜ ପକ୍ଷରୁ ବୁଧବାର ବିଶ୍ୱ ମୁଖ ଗହ୍ୱର ଦିବସ ପାଳିତ ହୋଇଛି। ଏହି ଅବସରରେ ସ୍ଥାନୀୟ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରହିଥିବା ଜାତୀୟ ସ୍ୱାସ୍ଥ୍ୟ ମିଶନ ସଭାଗୃହରେ ଉକ୍ତ କଲେଜର ନର୍ସିଂ ଛାତ୍ରୀଛାତ୍ର ଏବଂ କର୍ମଚାରୀଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଶ୍ୱ ମୁଖ ଗହ୍ୱର ଦିବସ ଉପରେ ମାହେଶ୍ୱରୀ ନର୍ସିଂ କଲେଜ ଛାତ୍ରୀଛାତ୍ରଙ୍କୁ ନେଇ ସ୍ଲୋଗାନ ରଚନା ପ୍ରତିଯୋଗିତା ହୋଇଥିଲା। ଡା. ନିରୁପମା ଷଡ଼ଙ୍ଗୀ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ପ୍ରଦୀପ ମଜୁମଦାର, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁବୋଷ ଅଗ୍ରୱାଲ, ଡା. ସୁନିଲ ବାଗ, ଡା. ଏମ.ଏସ୍ ଶର୍ମା, ଡା. ପି.ସି ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

# ଇସ୍ପାତ ସହରରେ ପଖାଳ ଦିବସ

**ରାଉରକେଲା,୨୦।୩(ସଙ୍ଗୀତା ଜେନା)**

ରାଉରକେଲା ସିଭିଲଟାଉନଶିପ୍‌ସ୍ଥିତ ମା' ଇନ୍ଦିରା ମହିଳା ସମିତି ପକ୍ଷରୁ ବୁଧବାର ପଖାଳ ଦିବସ ପାଳିତ ହୋଇଥିଲା। ଏହି ଉପଲକ୍ଷେ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଭାପତି ପୁଷ୍ପା ଲେଙ୍କାଙ୍କ ଅଧ୍ୟକ୍ଷତା ପଖାଳ ସମ୍ପର୍କର ସେତୁ ବୋଲି ମତ ଦେଇଥିଲେ। ପି. କେ. ଦାଶ, ଶୈଳେନ୍ଦ୍ର ମହାନ୍ତି, ଉପଦେଷ୍ଟା ବିନୋଦ ରାଉତ, ବିଶ୍ୱଜିତ୍ ସାହୁ, ସଞ୍ଜୁଲତା ଦାସ, ସନ୍ଧ୍ୟା ପରମାଣିକ, ସମ୍ପାଦିକା ୱାଇ. ହେମଲତା, ମାନସୀ ଖଣ୍ଡାଇ, ରୀତା ଗୌଡ଼, କୁନି କିଷାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ପଖାଳ ପରଷିଥିଲେ। ସେହିପରି ସିଭିଲଟାଉନଶିପ୍‌ର ଏକ ହୋଟେଲରେ ଡ୍ରିମ୍ ଟିମ୍ ଫାଉଣ୍ଡେଶନ୍ ଓ ହ୍ୟୁମାନିଟି ଫାଉଣ୍ଡେଶନ ପକ୍ଷରୁ ପଖାଳ ଦିବସ ପାଳିତ ହୋଇଥିଲା। ଅନୁରୂପ ଭାବେ ସେକ୍ଟର-୨ ସାହାନାଇ ମଣ୍ଡପରେ ଗାରିମା ପରିବାର ପକ୍ଷରୁ ପଖାଳ ଦିବସ ପାଳିତ ହୋଇଛି। ଏହାବ୍ୟତୀତ ବିଭିନ୍ନ କ୍ଲବମାନଙ୍କରେ ସ୍ୱତନ୍ତ୍ର ଭାବେ ଗ୍ରାହକମାନଙ୍କୁ ପଖାଳ ପରଷା ଯାଇଥିଲା।



ମା ଇନ୍ଦିରା ମହିଳା ସମିତି ପକ୍ଷରୁ ପଖାଳ ଦିବସ ପାଳନ କରାଯାଉଛି।

# ୨୩ରୁ ଜାତୀୟ ନାଟକ ମହୋତ୍ସବ

**ରାଉରକେଲା,୨୦।୩(ସଙ୍ଗୀତା ଜେନା)**

ଆସନ୍ତା ୨୩ ତାରିଖ ବିଶ୍ୱ ନାଟ୍ୟ ଦିବସ ଅବସରରେ ଆରଏସ୍‌ପି ସହଯୋଗରେ ନାଟ୍ୟାନୁଷ୍ଠାନ ସମ୍ପର୍କ ପକ୍ଷରୁ ଜାତୀୟ ନାଟ୍ୟ ମହୋତ୍ସବ-୨୦୨୪ ଛେଣ୍ଡସ୍ଥିତ ମ୍ୟୁଜିକ ସର୍କଲ ଗଙ୍ଗାଧର ମଞ୍ଚରେ ଆରମ୍ଭ ହେବ। ଏହା ୨୭ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପରିପ୍ରେକ୍ଷୀରେ ବୁଧବାର ପୂର୍ବାହ୍ନରେ ସେକ୍ଟର-୫ କଲଚରାଲ ଏକାଡେମୀ ପରିସରରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ବିଜୟ କୁମାର ପାତ୍ରଙ୍କ ସଭାପତିତ୍ୱରେ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ସମ୍ମିଳନୀରେ ସମ୍ପାଦକ ନାଟ୍ୟକାର ଭାସ୍କର ଚନ୍ଦ୍ର ମହାପାତ୍ର ନାଟକ ମହୋତ୍ସବ ସମ୍ପର୍କରେ ସମ୍ୟକ୍ ସୂଚନା ଦେଇଥିଲେ। ସେ କହିଲେ, ମାର୍ଚ୍ଚ ୨୩ତାରିଖରେ ପଞ୍ଚକୋଷୀ ନୂଆଦିଲ୍ଲୀର କଳାକାରମାନେ ନାଟକ 'ଦି ଜୁ ଷ୍ଟୋରୀ' ମଞ୍ଚସ୍ଥ କରିବେ। ସେହିପରି ୨୪ରେ ସମ୍ପର୍କ ପକ୍ଷରୁ ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ଆଧାରିତ





ଖବରଦାତା ସମ୍ମିଳନୀରେ ସଦସ୍ୟମାନେ ସୂଚନା ପ୍ରଦାନ କରୁଛନ୍ତି। (ଫଟୋ: ବିବେକ)

ନାଟକ 'ଭାବ ବିନୋଦିଆ କଳାଠାକୁର', ୨୫ରେ କଲିକତାର ନାଟ୍ୟାନୁଷ୍ଠାନ ଇପ୍ଟା ପକ୍ଷରୁ ମହାଭାରତ କାହାଣୀ ଉପରେ ଆଧାରିତ ନାଟକ 'କ୍ରିଷ୍ଣା' ମଞ୍ଚସ୍ଥ କରାଯିବ। ୨୬ରେ ବମ୍ବେର ନାଟ୍ୟାନୁଷ୍ଠାନ କେ.ଆଇ.ଟି.ଇ ଷ୍ଟୁଡିଓର କଳାକାରମାନେ ହିନ୍ଦୀ ନାଟକ 'ଖୋୟା ହୁଆ ଆଦ୍‌ମୀ' ମଞ୍ଚସ୍ଥ କରିବେ। ଅନ୍ତିମ ସନ୍ଧ୍ୟାରେ ଭୁବନେଶ୍ୱରର ନାଟ୍ୟାନୁଷ୍ଠାନ ଅଜିତ ନାଟକ 'ଏକା' ମଞ୍ଚସ୍ଥ କରିବ। ପ୍ରତିଦିନ ନାଟକ ମଞ୍ଚସ୍ଥ ପରେ ଦର୍ଶକ ପ୍ରତିଯୋଗିତା ହେବ। ଦର୍ଶକମାନେ ନିର୍ଦ୍ଦେଶକ ଓ ଅଭିନେତାମାନଙ୍କୁ ପ୍ରଶ୍ନ ପଚାରି ପୁରସ୍କୃତ ହେବେ। ୨୫ ତାରିଖ ଅପରାହ୍ନ ୨ରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ଏକକ ଅଭିନୟ ପ୍ରତିଯୋଗିତା ହେବ। ୨୭ରିଖ ସକାଳ ୮ଟାରେ ସମ୍ପର୍କ ଓ ଏକତ୍ର ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଛେଣ୍ଡ ଛକରୁ ମ୍ୟୁଜିକ୍ ସର୍କଲ ଯାଏ ବିଶାଳ ପଦଯାତ୍ରା ଅନୁଷ୍ଠିତ ହେବ। ପରେ ଦଳଗତ ନୃତ୍ୟ ପ୍ରତିଯୋଗିତା ଓ ସମ୍ମାନ ଆୟୋଜିତ ହେବ। ୨୩ ତାରିଖରେ ସମ୍ପର୍କର ମୁଖପତ୍ର ନାଟ୍ୟଚର୍ଚ୍ଚା ଉନ୍ମୋଚନ ହେବ। ଏହି ଅବସରରେ ଆରଏସ୍‌ପି ଇଡ଼ି ଏସ୍. ଆର୍. ସୂର୍ଯ୍ୟବଂଶୀଙ୍କୁ ନାଟ୍ୟବନ୍ଧୁ ସମ୍ମାନରେ ସମ୍ମାନୀତ କରାଯିବ। ସେହିପରି ଏନଏସଡିଆନ୍ ପରାଗ ଶର୍ମା ଓ ସୁମନ ବୈଦ୍ୟଙ୍କୁ ସମ୍ପର୍କ ସମ୍ମାନରେ ସମ୍ମାନିତ କରାଯିବ। ନାଟ୍ୟକାର ଡ. ମାୟା ଦାସ, ଅଭିନେତା ଓ ନିର୍ଦ୍ଦେଶକ ପ୍ରଦୀପ କୁମାର ପଣ୍ଡା, ଅଭିନେତା ମୁରଲୀଧର ଦାସ ଓ ଅଭିନେତ୍ରୀ ପ୍ରସ୍ମିକା ପଟ୍ଟନାୟକଙ୍କୁ ମଧ୍ୟ ସମ୍ପର୍କ ସମ୍ମାନରେ ସମ୍ମାନୀତ କରାଯିବା କାର୍ଯ୍ୟକ୍ରମ ରହିଛି। ସଙ୍ଗଠନ ସମ୍ପାଦକ ସୁରେନ୍ଦ୍ର ପାଢୀ କାର୍ଯ୍ୟକ୍ରମ ସଫଳ କରିବା ପାଇଁ ଆହ୍ୱାନ ଦେଇଥିବା ବେଳେ ସାଂସ୍କୃତିକ ସମ୍ପାଦିକା ସୁଦେଷ୍ଣା ରାଣୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ନରସିଂହ ମହାନ୍ତି, ପ୍ରଳୟ ଶତପଥୀ, ପୁଷ୍ପା ବିଶୋଇ, ସୁରଭି ରଣା ଓ ତ୍ରିପତି ନାରାୟଣ ମିଶ୍ର, ଅଶୋକ ବଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ସାନ ଯାଆ ମୃତ୍ୟୁର ଦିନକ ପରେ ବାଇକ୍‌ରୁ ଖସିପଡ଼ି ମହିଳା ମୃତ

**ମୃତ୍ୟୁ ଖବର ପାଇ ଆସିବା ବେଳେ ଅଘଟଣ**

ଘଣ୍ଟାପଡ଼ା,୨୦।୩(ପ୍ରଭାତ କୁମାର ସାହୁ)



ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଆମ୍ବଗାଁ ପଞ୍ଚାୟତର କୁରୁକୁପା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ସାନ ଯାଆର ମୃତ୍ୟୁ ଖବର ପାଇ ଆସିବା ବେଳେ ବାଇକ୍‌ରୁ ଖସି ପଡି ବଡ଼ ଯାଆଙ୍କ ମୃତ୍ୟୁ ଘଟିଛି। ଦୁଇଦିନ ମଧ୍ୟରେ ଦୁଇ ଯାଆଙ୍କ ମୃତ୍ୟୁ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି । ପ୍ରକାଶ ଯେ,ଗତ ସୋମବାର ରାତି ୮ଟାରେ କୁରୁକୁପା ଗ୍ରାମର କ୍ଷେତ୍ର ସାହୁଙ୍କ ମାଆ ବାସନ୍ତୀଙ୍କ ପରଲୋକ ଘଟିଥିଲା। ଏହି ସମୟରେ ବାସନ୍ତୀଙ୍କ ବଡ଼ ଯାଆ ସରୋଜିନୀ ସାହୁ (୬୫) ବଲାଙ୍ଗୀର ଜିଲାର ବେଲଗାଁରେ ରହୁଥିବା ନିଜ ବିବାହିତ ଝିଅଘରେ ଥିଲେ। ସେ ସାନଯାଆ ମୃତ୍ୟୁ ଖବର ପାଇ ନିଜ ସମ୍ପର୍କୀୟଙ୍କ ସହ ବାଇକ୍‌ରେ ଝିଅଘରୁ ଆସୁଥିଲେ। ତେବେ ଆସିବା ବେଳେ ନିଜ ଗାଁ ଠାରୁ ୨କି.ମି. ପୂର୍ବରୁ ଭାରସାମ୍ୟ ହରାଇ ବାଇକ୍‌ରୁ ଖସି ପଡି ଗୁରୁତର ହୋଇଥିଲେ। ତାଙ୍କୁ ବଲାଙ୍ଗୀର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ସେଠାରୁ ତାଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁଶଯ୍ୟା ନିକଟରେ ୫ ପୁଅ, ବୋହୂ, ଝିଅ, ଜ୍ୱାଇଁ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ବୁଧବାର ଗ୍ରାମ ଶ୍ମଶାନରେ ସରୋଜିନୀଙ୍କ ଅନ୍ତିମ ସଂସ୍କାର କରାଯାଇଛି। ବଡ଼ପୁଅ ସୁରେନ୍ଦ୍ର ସାହୁ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତା ସରୋଜିନୀ ହେଉଛନ୍ତି ସାମାଜିକ କର୍ମୀ ଦେବେନ୍ଦ୍ର ସାହୁ ଓ ବିଶିଷ୍ଟ ବ୍ୟବସାୟୀ ଦୁତିଆ ସାହୁଙ୍କ ମାଆ ।

### ଧର୍ମପ୍ରାଣା ଅନୁସୂୟା ନେପାକଙ୍କ ପରଲୋକ

ବଲାଙ୍ଗୀର,୨୦।୩ (ବୀରେନ୍ଦ୍ର କୁମାର ଝାଙ୍କର)



ଜଣାଶୁଣା ସାହିତ୍ୟିକ ସ୍ୱର୍ଗତ ଭାର୍ଗିରଥି ନେପାକଙ୍କ ସ୍ତ୍ରୀ ଅନୁସୂୟା ନେପାକ (୮୮)ଙ୍କ ବୁଧବାର ଭୁବନେଶ୍ୱରଠାରେ ପରଲୋକ ହୋଇଯାଇଛି। ସେ ଜଣେ ଧର୍ମପ୍ରାଣା ଓ ମେଳାପୀ ମହିଳା ଭାବେ ପରିଚିତ ଥିଲେ। ତାଙ୍କର ୪ ପୁଅ, ୩ ଝିଅ, ବୋହୂ ଓ ନାତିନାତୁଣୀ ଅଛନ୍ତି।

# ବୌଦ୍ଧ ବନଖଣ୍ଡରେ ଦୁର୍ନୀତି ଅଭିଯୋଗ

ବୌଦ୍ଧ,୨୦।୩(ଅଜିତ କୁମାର ବାରିକ)



ବନଖଣ୍ଡ ଅଧିକାରୀଙ୍କ ଦୁର୍ନୀତି ନେଇ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

ବୌଦ୍ଧ ବନଖଣ୍ଡରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ ହୋଇଛି। ଏନେଇ ଜିଲାର କେତେକ ରାଜନୈତିକ ଦଳର ନେତା ଓ ବୁଦ୍ଧିଜୀବୀ ବୁଧବାର ଦିନ ଏହାର ସିବିଆଇ ତଦନ୍ତ ଦାବି କରିବା ସହ ବନଖଣ୍ଡ ଅଧିକାରୀଙ୍କ ବଦଳି ଦାବି କରି ଏକ ଦାବିପତ୍ର ଜିଲାପାଳଙ୍କ ଜରିଆରେ ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନରଙ୍କୁ ପ୍ରଦାନ କରିଛନ୍ତି ।

ଅଭିଯୋଗ ଅନୁଯାୟୀ, ବୌଦ୍ଧ ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପ ୨୦୨୧ ମସିହାରୁ ବୌଦ୍ଧ ବନଖଣ୍ଡରେ ଯୋଗଦାନ କରିବା ପର ଠାରୁ ଉକ୍ତ ବନଖଣ୍ଡରେ ଦୁର୍ନୀତି ଓ ଜାଲିଆତି କରାଯାଇଛି। ବୌଦ୍ଧ ବନଖଣ୍ଡରେ କାମ୍ପା, ଜେଆଇସିଏ ପ୍ରୋଜେକ୍ଟ ଓ ଇକୋ ଟୁରିଜିମରେ ବ୍ୟାପକ ଦୁର୍ନୀତି ହୋଇଛି। ଏ ନେଇ ବନଖଣ୍ଡ ଅଧିକାରୀଙ୍କ ବିରୋଧରେ ବହୁବାର ଅଭିଯୋଗ ହୋଇଥିଲେ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ସେ ନିଜର ସମ୍ପର୍କୀୟ ଓ ନିର୍ଦ୍ଦିଷ୍ଟ ଏକ ରାଜନୈତିକ ଦଳର ସମର୍ଥକଙ୍କ ଜରିଆରେ କାମ କରି ଆସୁଥିବା ବେଳେ ମୃତବ୍ୟକ୍ତି, ଠିକାଦାର ଓ ଚାକିରିଆଙ୍କ ନାମରେ ଜାଲିଆତି କରି ଟଙ୍କା ହଡପ କରୁଥିବା ଅଭିଯୋଗରେ ଦର୍ଶାଯାଇଛି। ସେ ପୂର୍ବରୁ ଟିଟିଲାଗଡଠାରେ କେନ୍ଦୁପତ୍ର ଡିଭିଜନରେ ଡିଏଫଓ ଥିବାବେଳେ ୧୨ ଲକ୍ଷ ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ହୋଇ ତାଙ୍କ ନାମରେ ବିଭାଗୀୟ ତଦନ୍ତ ଚାଲିଛି। ବୁଧବାର ବରିଷ୍ଠ

**■ ଦାବିପତ୍ର ପ୍ରଦାନ**
**■ ସିବିଆଇ ତଦନ୍ତ ସହ ବନଖଣ୍ଡ ଅଧିକାରୀଙ୍କ ବଦଳି ଦାବି**

ରାଜନୈତିକ ନେତା ସୁବାସ ପ୍ରଧାନଙ୍କ ନେତୃତ୍ୱରେ ବୁଦ୍ଧିଜୀବୀ ଓ ସାଧାରଣ ଲୋକ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଦାବିପତ୍ର ଦେଇଥିଲେ। ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର ଦାବିପତ୍ର ଗ୍ରହଣ କରିଥିଲେ। ଦାବିପତ୍ର ପ୍ରଦାନ ସମୟରେ ସୁଧାଂଶୁ ଡାଙ୍ଗ, ପ୍ରଶାନ୍ତ ନନ୍ଦ ବେହେରା, ସନ୍ତୋଷ ପ୍ରଧାନ, ଗଣେଶ ନାଏକ, ରାଜେଶ୍ୱରୀ ପ୍ରଧାନ, ମିନାରାଣୀ ମିଶ୍ର, ଲଳିତ କୁମାର ପାତ୍ରଙ୍କ ସମେତ ବହୁ ସଂଖ୍ୟକ ମହିଳା ଓ ପୁରୁଷ ସାମିଲ ଥିଲେ।

## ଶିବ ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା

ଘଣ୍ଟାପଡ଼ା,୨୦।୩(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ପଞ୍ଚାୟତ ଅଧୀନ ତବଡ଼ା ଗ୍ରାମରେ ନବନିର୍ମିତ ଯୋଗେଶ୍ୱର ବାବାଙ୍କ ମନ୍ଦିରର ରତ୍ନମୁଦ,ପ୍ରତିଷ୍ଠା ଉତ୍ସବ, ବିଗ୍ରହ ପ୍ରତିଷ୍ଠା ଓ ୨୪ ପ୍ରହର ନାମଯଜ୍ଞ ନିମନ୍ତେ ମଙ୍ଗଳବାର ଦିନ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରାରେ ତବଡ଼ା, ତମ୍ବାସିନା,ମାଣିକପୁର, ଶ୍ରୀମାଳ, ଡଙ୍ଗାକଟା, ବଡ଼ବାହାଲ, ବିରା ମୁଣ୍ଡା, ସାନତଣ୍ଡାମୁଣ୍ଡା ଓ ମାଳପଡ଼ା ଗ୍ରାମର ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ସାମିଲ ଥିଲେ। ମହିଳାମାନେ ମୁଣ୍ଡରେ କଳସ ଧରି ମନ୍ଦିରରୁ ପ୍ରାୟ ୩ କି:ମି:ଦୂର ବନ୍ଧଖଣ୍ଡି ତେଲ ନଦୀ ଘାଟରୁ ପୂଜାର୍ଚ୍ଚନା ପରେ ଜଳପୂର୍ଣ୍ଣ କଳସ ଧରି ଶଙ୍ଖ, ଘଣ୍ଟ, ସଂକୀର୍ତ୍ତନର ତାଳେ ତାଳେ ଗ୍ରାମ ପରିକ୍ରମା କରିବା ପରେ ମନ୍ଦିର ପ୍ରାଙ୍ଗଣସ୍ଥିତ ମଣ୍ଡପରେ କଳସ ସ୍ଥାପନ କରିଥିଲେ। ପରେ ଗାୟିକା ବର୍ଷାରାଣୀ ତ୍ରିପାଠୀଙ୍କ ଦ୍ୱାରା ରାମାୟଣ ପାରାୟଣ ଅନୁଷ୍ଠିତ ହୋଇଥିଲା। ଆଖପାଖ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ୭ ଦିନ ଧରି ଏହି କାର୍ଯକ୍ରମ ଅନୁଷ୍ଠିତ ହେବ ବୋଲି ପୂଜା କମିଟିର ସଭାପତି ପୂର୍ଣ୍ଣଚନ୍ଦ୍ର ରଣା ପ୍ରକାଶ କରିଛନ୍ତି।



ମହିଳାଙ୍କ କଳସ ଶୋଭାଯାତ୍ରା ।

## ରକ୍ତଦାନ, ଅନ୍ନଦାନ କାର୍ଯ୍ୟକ୍ରମ



ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ଅନୁଷ୍ଠିତ ରକ୍ତଦାନ କାର୍ଯ୍ୟକ୍ରମ।

ବଲାଙ୍ଗୀର,୨୦।୩(ବୀରେନ୍ଦ୍ର କୁମାର ଝାଙ୍କର)

ଟ୍ରେଡ ୟୁନିୟନ୍ ନେତା ତଥା ସମାଜସେବୀ ସ୍ୱର୍ଗତ ଅରୁଣ କୁମାର ସାହୁଙ୍କ ଜୟନ୍ତୀ ଉପଲକ୍ଷେ ବୁଧବାର ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ଏବଂ ହସ୍ପିଟାଲ ରକ୍ତଭଣ୍ଡାରରେ ରୋଗୀଙ୍କ ପାଇଁ ରକ୍ତଦାନ ଓ ରୋଗୀ ତଥା ରୋଗୀ ପରିଜନଙ୍କ ପାଇଁ ଅନ୍ନଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅରୁଣ କୁମାର ସାହୁ ସ୍ମୃତି କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଶାନ୍ତ କୁମାର ମିଶ୍ର, ତପସ୍ୱିନୀ ପଟେଲ, ଜିତେନ୍ଦ୍ର ରାଉତ, ଭୀମସେନ ମେହେର, ଯଜ୍ଞେଶ୍ୱର ସାହୁ , ବିରେନ୍ଦ୍ର ପୋଡ ରକ୍ତଦାନ କରିଥିଲେ। ସନ୍ଧ୍ୟାରେ ସହଯୋଗ ଫାଉଣ୍ଡେସନର ମିଳିତ ସହଯୋଗରେ ଅନ୍ନଦାନ କାର୍ଯ୍ୟକ୍ରମରେ ରୋଗୀ ଏବଂ ପରିଜନଙ୍କୁ ଖାଦ୍ୟ ବଣ୍ଟନ କରାଯାଇଥିଲା । ଏହି ଅବସରରେ ରେଡକ୍ରସ କର୍ମୀ ରବିଚନ୍ଦ୍ର ପଶାୟତ, ପ୍ରଭାକର ଛନ୍ଦଙ୍କୁ ସ୍ମୃତି କମିଟି ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାତା ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ଅନୀଲ ମୋଦୀ, ବିଶ୍ୱଜିତ ନନ୍ଦ, ମଧୁସ୍ମିତା ଖୁଣ୍ଟିଆ, ଅଶୋକ ସାହୁ, ସଂଘମିତ୍ରା ସାହୁ, ଜୟପ୍ରକାଶ ସାହୁ, ରୂପେଶ ସାମଲ ସହଯୋଗ କରିଥିଲେ। ସମାଜସେବୀ ଶିକ୍ଷକ ରାମନାରାୟଣ ଦାଶ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ଅକ୍ରୂର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମରେ ଛପନ ପ୍ରହର ବିଶ୍ୱଶାନ୍ତି ନାମଯଜ୍ଞ ଉଦ୍‌ଯାପିତ

ଅମରପାଲି,୨୦।୩(ପୀତାମ୍ବର ସାହୁ)



ନାମଯଜ୍ଞର ପୂର୍ଣ୍ଣାହୁତି ଅବସରରେ ଶ୍ରଦ୍ଧାଳୁଙ୍କ ଭିଡ଼।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ କେନ୍ଦୁପାଲିରେ ୯ ଦିନ ଧରି ହେଉଥିବା ଛପନ ପ୍ରହର ବିଶ୍ୱଶାନ୍ତି ନାମଯଜ୍ଞର ବୁଧବାର ଦିନ ପୂର୍ଣ୍ଣାହୁତି ହୋଇଛି। ବର୍ଷା ଓ କୋହଲା ପାଗ ସତ୍ତ୍ୱେ ଉତ୍ସାହର ସହିତ ଏହା ଉଦ୍‌ଯାପିତ ହୋଇଛି। ବର୍ଷା ସତ୍ତ୍ୱେ ଶେଷ ଦିନରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ସାତଦିନ ଧରି ଚାଲିଥିବା ଭାଗବତ ପରାୟଣର ବ୍ୟାସ ଭାବରେ ଅସିତ କୁମାର ଷଡ଼ଙ୍ଗୀ ଯୋଗଦେଇ ପରାୟଣ ଗାନ କରିଥିଲେ। ସାରଳା ପାର୍ଥ ସାରଥୀ ମହାନ୍ତି ପ୍ରବଚନ ଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଭଜନ ସମାରୋହ ହୋଇଥିବା ବେଳେ ବିଶିଷ୍ଟ କଣ୍ଠଶିଳ୍ପୀ ଦୁଃଖୀଶ୍ୟାମ ତ୍ରିପାଠୀ,ସୁଶୀଲ ମହାଲିଙ୍ଗ ପ୍ରମୁଖ ଭଜନ ପରିବେଷଣ କରିଥିଲେ। ନାମଯଜ୍ଞ କମିଟିର କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର ପତି, ସାଧାରଣ ସମ୍ପାଦକ ତ୍ରିଲୋଚନ ମେହେର, ସମ୍ପାଦକ ଶ୍ୟାମ ସୁନ୍ଦର ସେଠୀ, ସଂଯୋଜକ ଯୁଗଳ କିଶୋର ମିଶ୍ର, ହରିହାଟ ଦାୟିତ୍ୱରେ ଥିବା ଦୟାନିଧି ହୋତା, ଅକ୍ଷୟ କୁମାର ମିଶ୍ର, ରାମକୃଷ୍ଣ ପଣ୍ଡା, ଭିକାରୀ ପଣ୍ଡା, ବାମନ ପଣ୍ଡା, ମଧୁସୂଦନ ରଥ, ସଦାନନ୍ଦ ପଣ୍ଡା ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ । ଛପନ ପ୍ରହର ନାମଯଜ୍ଞରେ ବିଶେଷ ଆକର୍ଷଣ ଥିଲା ମିନା ବଜାର। ପ୍ରତ୍ୟହ ଜିଲା ତଥା ଜିଲା ବାହାରୁ ଆସିଥିବା ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା । ନାମଯଜ୍ଞରେ ୯୦ ଫୁଟ ଉଚ୍ଚ ଓ ୮୦ ଫୁଟ ଓସାରର ଘୂର୍ଣ୍ଣନମାନ ନାମମଣ୍ଡପ ଥିଲା ବିଶେଷ ଆକର୍ଷଣ। ଏହାର ଚାରୋଟି ତୋରଣରେ ପୁରୀ ଶ୍ରୀମନ୍ଦିର,ଦ୍ୱାରିକା ଧାମ ,ଅଯୋଧ୍ୟାର ରାମ ମନ୍ଦିର, ନୃସିଂହ ମନ୍ଦିରର ମୁଖଶାଳା କରାଯାଇଥିଲା। ଏହାସହିତ ମଣ୍ଡପରେ ବିଭିନ୍ନ ଦେବା ଦେବୀଙ୍କ ପ୍ରତିକୃତିକୁ ସ୍ଥାନିତ କରାଯାଇଥିଲା। କେନ୍ଦୁପାଲିରେ ୧୯୮୬ ମସିହାରେ ଛପନ ପ୍ରହର ନାମଯଜ୍ଞ ହୋଇଥିଲା। ଦୀର୍ଘ ୩୮ ବର୍ଷ ପରେ ପୁଣି ଥରେ ନାମଯଜ୍ଞ ହୋଇଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ପ୍ରଥମ ଦିବସରେ କଳସ ଶୋଭାଯାତ୍ରା ରେ ପ୍ରାୟ ୩ ହଜାର ମହିଳା ବୀରମହାରାଜପୁରସ୍ଥିତ ଜଗନ୍ନାଥ ମନ୍ଦିରରୁ ଗଙ୍ଗା ଜଳ କଳସ ବୋହି ଏକ ଶୋଭାଯାତ୍ରାରେ ନାମ ମଣ୍ଡପ ଓ ହୋମ ଯଜ୍ଞ ମଣ୍ଡପକୁ ଆସି କଳସ ସ୍ଥାପନ କରିଥିଲେ। ପ୍ରତ୍ୟହ ହରେ କୃଷ୍ଣ ହରେ କୃଷ୍ଣ ମହାମନ୍ତ୍ରରେ ସଂକୀର୍ତ୍ତନ୍ୟ ପରିବେଷଣ କରାଯାଉଥିଲା। ଏଥିରେ ଜିଲା ଓ ଜିଲା ବାହାରର ଶତାଧିକ ସଙ୍କୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟହ ଦିନବେଳା ସପ୍ତାହ ପାରାୟଣ କରାଯାଉଥିବା ବେଳେ ସନ୍ଧ୍ୟାରେ ପ୍ରବଚନ ଓ ରାଜ୍ୟର ପ୍ରତିଷ୍ଠିତ ଭଜନ ଗାୟକଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ମୀନାବଜାରରେ ଭଳିକି ଭଳି ଘରକରଣା ଓ ସୌଖିନ ସାମଗ୍ରୀର କିଣାବିକା ହେଉଥିଲା। ଜଷ୍ଟିସ ଶତ୍ରୁଘ୍ନ ପୂଝାରୀ, ସୁବର୍ଣ୍ଣପୁର ଜିଲାପାଳ ଅନ୍ୟା ଦାସ, ସ୍ଥାନୀୟ ବିଧାୟକ ପଦ୍ମନାଭ ବେହେରା, ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା, ଉପାଧ୍ୟକ୍ଷ ନାରାୟଣ ଲୁହା, ଉପ ଜିଲାପାଳ ଲଲାଟେନ୍ଦୁ ସିଙ୍କ ସମେତ ଅନେକ ଜନ ପ୍ରତିନିଧି, ପ୍ରଶାସନିକ ଅଧିକାରୀ ଓ ରାଜନେତା ପ୍ରମୁଖ ଯୋଗ ଦେଇଥିଲେ। ବୁଧବାର ସକାଳୁ ପୂର୍ଣ୍ଣାହୁତି ପୂର୍ବରୁ ଏକ ଶୋଭାଯାତ୍ରାରେ ଗ୍ରାମ୍ୟ ପରିକ୍ରମା କରାଯାଇଥିଲା। ସମସ୍ତେ ନିଜ ଘର ସମ୍ମୁଖରେ କଳସ ବସାଇ ପୂଜାର୍ଚ୍ଚନା କରିଥିଲେ। ଶେଷରେ ଦଧିହାଣ୍ଡି ଭଙ୍ଗା ଯାଇଥିଲା।

**ଶେଷ ଦିନରେ ଅଦିନିଆ ବର୍ଷା ଦାଉ ସାଧିଲା**

## ସମ୍ବେଦନଶୀଳ ଅଞ୍ଚଳରେ ପୋଲିସର ଫ୍ଲାଗ ମାର୍ଚ୍ଚ

ଘଣ୍ଟାପଡ଼ା,୨୦।୩(ପ୍ରଭାତ କୁମାର ସାହୁ)

ଆଗାମୀ ସାଧାରଣ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ କରିବା ପାଇଁ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ଥାନା ପକ୍ଷରୁ ଥାନାଧିକାରୀ ମାଧବ ଚନ୍ଦ୍ର ଟାକ୍ରିଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ଫ୍ଲାଗ ମାର୍ଚ୍ଚ କରାଯାଇଛି। ଏସ୍‌ଆଇ ବିଶ୍ୱାମିତ୍ର ଲୋଇଙ୍କ ତତ୍ତ୍ୱାବଧାନରେ ୨ ପ୍ଲାଟୁନ ଆଇଆରବି ଜବାନଙ୍କୁ ନେଇ ଥାନାଞ୍ଚଳର ସମ୍ବେଦନଶୀଳ ଘଣ୍ଟାପଡ଼ାସ୍ଥିତ ମାର୍କେଟ ଛକରୁ ଘଣ୍ଟାପଡ଼ା ବସ୍ତି ପର୍ଯ୍ୟନ୍ତ ଫ୍ଲାଗମାର୍ଚ୍ଚ କରାଯାଇଛି। ନିର୍ବାଚନକୁ ଶାନ୍ତିପୂର୍ଣ୍ଣ, ଅବାଧ, ଅପରାଧମୁକ୍ତ ଓ ନିରପେକ୍ଷତାର ସହ ପରିଚାଳନା କରିବା ପାଇଁ ସଚେତନତା ବାର୍ତ୍ତା ଦିଆଯାଇଥିଲା।



ଘଣ୍ଟାପଡ଼ା ମାର୍କେଟ ଛକରେ ପୋଲିସର ଫ୍ଲାଗ୍ ମାର୍ଚ୍ଚ।

# ମନ୍ଦିରମାଳିନୀ ଜିଲା ସୁବର୍ଣ୍ଣପୁର ପର୍ଯ୍ୟଟନ ବିକାଶରେ ଶୂନ

ସୋନପୁର,୨୦।୩(ମୃତ୍ୟୁଞ୍ଜୟ ଶତପଥୀ)

ଓଡିଶା ପର୍ଯ୍ୟଟନ ମାନଚିତ୍ରରେ ସୁବର୍ଣ୍ଣପୁର ଜିଲାର ସ୍ୱତନ୍ତ୍ର ସ୍ଥାନ ରହିଛି। ଜିଲାରେ ୧୦୮ଟି ମନ୍ଦିର ସହ ଅନେକ ପର୍ଯ୍ୟଟନ କ୍ଷେତ୍ର ରହିଛି। ସୁବର୍ଣ୍ଣପୁର ସହରରେ ରହିଛନ୍ତି ଅଷ୍ଟଚଣ୍ଡୀ, ଅଷ୍ଟଶମ୍ଭୁ ଓ ଅଷ୍ଟବିଷ୍ଣୁ। ପର୍ଯ୍ୟଟନ ମାନଚିତ୍ରରେ ଜିଲା ସ୍ୱତନ୍ତ୍ର ପରିଚୟ ରଖିଥିଲେ ହେଁ ପ୍ରାୟ ୫ ବର୍ଷ ହେଲା ଜିଲା ପର୍ଯ୍ୟଟନ ଅଧିକାରୀ ପଦ ଖାଲି ପଡିଛି। ବଲାଙ୍ଗୀର ଜିଲା ପର୍ଯ୍ୟଟନ ଅଧିକାରୀ ରବିନ୍ଦ୍ର ଦଳାଇ ସୁବର୍ଣ୍ଣପୁର ଜିଲାର ଅତିରିକ୍ତ ଦାୟିତ୍ୱରେ ରହିଛନ୍ତି। ସ୍ଥାୟୀ ଜିଲା ପର୍ଯ୍ୟଟନ ଅଧିକାରୀ ନ ଥିବାରୁ ଜିଲାର ପର୍ଯ୍ୟଟନ କ୍ଷେତ୍ରଗୁଡିକ ଅବହେଳିତ ଅବସ୍ଥାରେ ପଡିରହିଛି। ଓଡିଶାର ମଧ୍ୟଯୁଗୀୟ ସ୍ଥାପତ୍ୟ କଳା ମଣ୍ଡିତ ମନ୍ଦିରମାନଙ୍କ ମଧ୍ୟରେ ସୁବର୍ଣ୍ଣପୁର ଜିଲାର ବୈଦ୍ୟନାଥସ୍ଥିତ କୋଶଳେଶ୍ୱର ଶୈବ ମନ୍ଦିର ପ୍ରାଚୀନତମ। ଏହି ମନ୍ଦିରର ସୁରକ୍ଷା ପାଇଁ ଯେତିକି ଉଦ୍ୟମ ହେବା କଥା ତାହା ହୋଇ ପାରୁନାହିଁ। ସେହିପରି କୋଟସମଲେଇସ୍ଥିତ ପାତାଳି କ୍ଷେତ୍ରର ମଧ ଯେପରି ବିକାଶ ହେବା କଥା ହୋଇନାହିଁ। ଶ୍ରୀମନ୍ଦିର ଉପରେ ବାହ୍ୟ ଶତ୍ରୁମାନଙ୍କ ଆକ୍ରମଣ ବେଳେ ଏଠାକାର ଏକ ଗୁମ୍ଫାରେ ଶ୍ରୀ ଜଗନ୍ନାଥ ୧୪୪ ବର୍ଷ ଧରି ପାତାଳି ହୋଇଥିଲେ। ପାତାଳି କ୍ଷେତ୍ରରେ ଭବ୍ୟ ମନ୍ଦିର ନିର୍ମାଣ ପାଇଁ ପୁରୀ ଶ୍ରୀମନ୍ଦିର ପରିଚାଳନା କମିଟି ଦୀର୍ଘ ବର୍ଷ ପୂର୍ବରୁ ଅନୁମୋଦନ କରିଛି। ତେବେ ସରକାର ଅନୁଦାନ ନ ଦେବାରୁ ମନ୍ଦିର ନିର୍ମାଣ ହୋଇପାରିନି। ସେହିପରି ପାତାଳି କ୍ଷେତ୍ରରେ ପ୍ରସ୍ତାବିତ ରୋପୱେ ନିର୍ମାଣ ମଧ୍ୟ ହୋଇପାରିନାହିଁ। ଏହି ରୋପୱେ ନିର୍ମାଣ ଦାୟିତ୍ୱ ପଶ୍ଚିମ ଓଡିଶା ବିକାଶ ପରିଷଦ ହାତକୁ ନେଇଥିଲା। ତା୩୧।୧୦।୨୦୧୮ରିଖରେ ଏହା ପ୍ରଶାସନିକ ଅନୁମୋଦନ ବି ଲାଭ କରିଥିଲା। ଏଥିପାଇଁ ୧୦ କୋଟି ୭୫ଲକ୍ଷ ୪୩ ହଜାର ୫ଶହ ଟଙ୍କା ପ୍ରଦାନ କରାଯାଇଥିଲା। ତା୧୧।୨।୨୦୧୯ରିଖରେ ଏହି ପ୍ରକଳ୍ପର ଶିଳାନ୍ୟାସ କରାଯାଇଥିଲା। କିନ୍ତୁ ଏ ପର୍ଯ୍ୟନ୍ତ କାମ ଆରମ୍ଭ ହେଲାନି। ଅନ୍ୟପକ୍ଷେ କାମ ବିଳମ୍ବ ହେବାରୁ ପଶ୍ଚିମ ଓଡିଶା ବିକାଶ ପରିଷଦ ଠିକାସଂସ୍ଥା ସହିତ କରିଥିବା ଚୁକ୍ତିନାମାକୁ ବାତିଲ କରିଛି। ଯଦ୍ୱାରା ରୋପୱେ ନିର୍ମାଣ ଅନିଶ୍ଚିତତା ମଧ୍ୟରେ ରହିଛି। ସେହିପରି ସୁବର୍ଣ୍ଣପୁର ସହରରେ ଥିବା ପ୍ରାଚୀନ କୀର୍ତ୍ତିରାଜି ରାମେଶ୍ୱର ଶୈବ ପୀଠ, ସୁବର୍ଣ୍ଣମେରୁ ଶୈବ ପୀଠ, ପଶ୍ଚିମ ସୋମନାଥ ମନ୍ଦିର ଓ ମା' ସୁରେଶ୍ୱରୀଙ୍କ ପୀଠ ଅସୁରକ୍ଷିତ ଅବସ୍ଥାରେ ରହିଛି। ତ୍ରିବେଣୀ ସଙ୍ଗମ ସ୍ଥଳରେ ରହିଥିବା ରାମେଶ୍ୱର ମନ୍ଦିରର ଚନ୍ଦନ ମଣ୍ଡପରେ ଫାଟ ସୃଷ୍ଟି ହେବା ସହ ବୃଷଭ ମଣ୍ଡପରୁ ବର୍ଷା ଦିନେ ପାଣି ଗଳୁଛି। ସୋନପୁର ବ୍ଲକ ଖଲିଆପାଲି ଭୀମଭୋଇଙ୍କ ସିଦ୍ଧି ଓ ସମାଧି ପୀଠରେ ମଧ ଆଶାନୁରୂପ ବିକାଶ ହୋଇପାରିନାହିଁ। ତରଭା ବ୍ଲକର ମେଣ୍ଢା ନିକଟରେ ଥିବା ବାରପାହାଡକୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ଦେବା ପାଇଁ ଦୀର୍ଘ ବର୍ଷ ହେଲା ଅଞ୍ଚଳବାସୀ ଦାବି କରି ଆସୁଛନ୍ତି। କିନ୍ତୁ ଏ ପର୍ଯ୍ୟନ୍ତ ମାନ୍ୟତା ନ ମିଳିବା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ସେହିଭଳି ବିନିକା ପାପକ୍ଷୟ ଘାଟର ଯେଭଳି ବିକାଶ ହେବା କଥା ହୋଇପାରିନି। ଓଡିଶାର ଦ୍ୱିତୀୟ ମନ୍ଦିରମାଳିନୀ ଜିଲା କୁହା ଯାଉଥିବା ସୁବର୍ଣ୍ଣପୁରର ପ୍ରାଚୀନ ମନ୍ଦିର ଓ କୀର୍ତ୍ତିରାଜିର ସୁରକ୍ଷା ଏବଂ ବିକାଶ ଦିଗରେ ସରକାର ଆବଶ୍ୟକ ପଦକ୍ଷେପ ନେଉ ନ ଥିବା ବିଭିନ୍ନ ମହଲରେ ଅଭିଯୋଗ ହେଉଛି। ପର୍ଯ୍ୟଟକଙ୍କୁ ଆକୃଷ୍ଟ କଲା ଭଳି ଏହି ସ୍ଥାନଗୁଡିକର ବିକାଶ ହେଲେ ନିଶ୍ଚୟ ଦେଶ ବିଦେଶରୁ ପର୍ଯ୍ୟଟକଙ୍କ ସୁଅ ଛୁଟିବ। ଏହାଦ୍ୱାରା ରାଜ୍ୟ ତଥା ଜିଲାକୁ ଭଲ ରାଜସ୍ୱ ମିଳିପାରନ୍ତା। ତେବେ ପର୍ଯ୍ୟଟନ କ୍ଷେତ୍ରରେ ଭରପୁର ଏହି ଜିଲାରେ କେଉଁ ଉଦ୍ଦେଶ୍ୟରେ ସରକାର ୫ ବର୍ଷ ହେଲା ପର୍ଯ୍ୟଟନ ଅଧିକାରୀ ନିଯୁକ୍ତି ଦେଉନାହାନ୍ତି ବୋଲି ଲୋକେ ପ୍ରଶ୍ନ କରୁଛନ୍ତି। ରାଜ୍ୟ ସରକାର ନିର୍ବାଚନ ପରେ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଛି।

**୫ ବର୍ଷ ହେଲା ନାହାନ୍ତି ବିଭାଗୀୟ ଅଧିକାରୀ**

ଖଲିଆପାଲିସ୍ଥିତ ଭୀମଭୋଇଙ୍କ ସିଦ୍ଧି ଓ ସମାଧି ପୀଠ।



